Odisha Legislative Assembly

# ଦ୍ୱିତୀୟ ଅଧିବେଶନ

## ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨୬ ନଭେମ୍ବର ୨୦୨୪

----

[ପଞ୍ଚାୟତିରାଜ ଓ ପାନୀୟ ଜଳ - ଗୃହ ନିର୍ମାଣ ଓ ନଗର ଉନ୍ନୟନ - ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ - ଗ୍ରାମ୍ୟ ଉନ୍ନୟନ - ସରକାରୀ ଉଦ୍ୟୋଗ ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ].

ମୋଟ ପ୍ରଶ୍ନର ସଂଖ୍ୟା - 204

----

### LR Certificate ପାଇ ନଥିବା ଭୂମିହୀନଙ୍କ ସଂଖ୍ୟା

1 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଲେଶ୍ୱର ସହରରେ usha-card ତଥା LR certificate ପାଇଥିବା ହିତାଧିକାରୀଙ୍କ ସଂଖ୍ୟା କେତେ ଏବଂ ସେଥିମଧ୍ୟରୁ ସ୍ଥାୟୀ ଜମି ପଟ୍ଟା ପାଇଥିବା ହିତାଧିକାରୀଙ୍କ ସଂଖ୍ୟା କେତେ ଏବଂ ଉକ୍ତ ପଟ୍ଟା ପାଇଥିବା ହିତାଧିକାରୀଙ୍କ ମଧ୍ୟରୁ ଏଯାବତ୍ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ପାଇଥିବା ହିତାଧିକାରୀଙ୍କ ସଂଖ୍ୟା କେତେ ଏବଂ ଅଦ୍ୟାବଧି LR certificate ବା ପଟ୍ଟା କିଛି ପାଇନଥିବା ଭୂମିହୀନଙ୍କ ସଂଖ୍ୟା କେତେ ?

----

### ଆବାସ ଗୃହ ପାଇଁ Guideline

2 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଗତ ପୂର୍ବରୁ କେନ୍ଦ୍ରକୁ ଫେରିଯାଇଥିବା ଘରର ସଂଖ୍ୟା କେତେ ଓ ଏହା ପୁନଃ ପାଇବା ପ୍ରକ୍ରିୟା କଣ ; ନୂତନ ଆବାସ ଗୃହ ହିତାଧିକାରୀଙ୍କୁ ଦେବା ପାଇଁ ସରକାରଙ୍କ ପକ୍ଷରୁ ଚଳିତ ଆର୍ଥିକ ବର୍ଷର Guideline ଅର୍ଥର ବ୍ୟବସ୍ଥା ଓ ବ୍ଲକୱାରୀ କେତେ ଟାର୍ଗେଟ ତଥା ହିତାଧିକାରୀ ଚୟନ ପାଇଁ କଣ ଯୋଜନା ରହିଛି ?

----

## ପାନୀୟ ଜଳ ଯୋଗାଣ ପାଇଁ ପମ୍ପ ଡ୍ରାଇଭର ନିଯୁକ୍ତି

3 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ କେତେଗୋଟି ପାଇପ୍ ପାନୀୟଜଳ ଯୋଗାଣ ପ୍ରକଳ୍ପ ଥିବାବେଳେ ତାହାର ପରିଚାଳନା ପାଇଁ କେତେଜଣ ନିୟମିତ କର୍ମଚାରୀ, ପମ୍ପ ଡ୍ରାଇଭର ନିୟୋଜିତ ଅଛନ୍ତି ଓ ଏହାର ସୁପରିଚାଳନା ପାଇଁ ନିୟମିତ ପମ୍ପ ଡ୍ରାଇଭର ଓ ମେକାନିକ୍ ନିୟୋଜନ ପାଇଁ ସରକାର ବ୍ୟବସ୍ଥା କରିବେ କି?

----

## ସାଲେପୁରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା

4 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର)ଃ**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ସାଲେପୁର ଏକ ବର୍ଦ୍ଧିତ ବଜାର ଅଞ୍ଚଳ ହୋଇ ସମ୍ପ୍ରସାରିତ ହେଉଥିବା ବେଳେ ଏହାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରି ଏହାର ସହରୀ ଯୋଜନା ପ୍ରଣୟନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି ; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଛି?

----

## ଜଳ ପ୍ରଦୂଷଣ ରୋକିବା ପାଇଁ ପଦକ୍ଷେପ

5 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର)ଃ**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ମହାନଦୀ ସହ ଏହାର ଶାଖା ନଦୀ ଗୁଡିକର ଜଳ ପ୍ରଦୂଷିତ ହୋଇଥିବା ସମ୍ପର୍କରେ ସରକାର ଅବଗତ ଅଛନ୍ତି କି ; ଉତ୍ତର ହଁ ହେଲେ ଏହାର ପ୍ରତିକାର ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ପାଇପ ଯୋଗେ ପାନୀୟ ଜଳ ଯୋଗାଣ

6 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କେନ୍ଦୁଝର ଜିଲ୍ଲା ଚମ୍ପୁଆ ନିର୍ବାଚନ ମଣ୍ଡଳୀର ଚମ୍ପୁଆ ଓ ଯୋଡା ବ୍ଲକର କେଉଁ ମେଗା ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ଅଦ୍ୟାବଧି କେଉଁ ବ୍ଲକର କେତୋଟି ଗ୍ରାମକୁ ପାଇପ୍ ଜଳ ଯୋଗାଣ ପୂର୍ଣ୍ଣାଙ୍ଗ ହୋଇଛି ଓ କେତେ ଲୋକ ଉପକୃତ ହେଉଛନ୍ତି ଏବଂ ଅବଶିଷ୍ଟ ଗ୍ରାମକୁ କେବେ ସୁଦ୍ଧା ପାଇପ୍ ଜଳ ଯୋଗାଣ ପୂର୍ଣ୍ଣାଙ୍ଗ ହେବ?

----

## ନିର୍ମାଣାଧିନ ପ୍ରକଳ୍ପ ପୂର୍ଣ୍ଣାଙ୍ଗ କରିବା

7 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- 2020-21, 2021-22, 2022-23 ଓ 2023-24 ଆର୍ଥିକ ବର୍ଷ ପାଇଁ କେନ୍ଦୁଝର ଜିଲ୍ଲାର ଯୋଡା, ବଡବିଲ୍, କେନ୍ଦୁଝର ଓ ଆନନ୍ଦପୁର ପୌରପାଳିକା ସହ ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ନିମନ୍ତେ ବିଭିନ୍ନ ସଂସ୍ଥାରୁ କେଉଁ ପ୍ରକଳ୍ପ ପାଇଁ କେତେ ଅନୁଦାନ ଆସିଥିବା ବେଳେ କେଉଁ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହୋଇଛି ଓ କେଉଁ ପ୍ରକଳ୍ପ ନିର୍ମାଣାଧିନ ଅଛି ଓ ଏହା କେବେ ସୁଦ୍ଧା ପୂର୍ଣ୍ଣାଙ୍ଗ କରାଯିବ?

----

## ପ୍ରକଳ୍ପ ପାଇଁ ଅର୍ଥ ପ୍ରାପ୍ତି

୮ **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଚଳିତ ବର୍ଷ 2024-25 ନିମନ୍ତେ GIA ଯୋଜନାରେ ସମସ୍ତ ପ୍ରକଳ୍ପ ଭୋଗରାଇ ପଞ୍ଚାୟତ ସମିତିରୁ କେଉଁ ତାରିଖରେ ପ୍ରାପ୍ତ ହୋଇଥିଲା ଏବଂ ପଞ୍ଚାୟତିରାଜ ବିଭାଗର ଅନୁମୋଦନ ତଥା ଆବଶ୍ୟକୀୟ ଅର୍ଥ ପ୍ରାପ୍ତି ନିମନ୍ତେ କେବେ ପଠାଯାଇଥିଲା ; ଏଥିପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଅର୍ଥ ଅନୁମୋଦନ କରିସାରିଲେଣି କି ; ଯଦି କରିନାହାନ୍ତି, କେତେ ତାରିଖ ସୁଦ୍ଧା କରିବେ?

----

## GIA ଯୋଜନା ପାଇଁ ପ୍ରସ୍ତାବ

୨ **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଗ୍ରାମାଞ୍ଚଳର ଉନ୍ନତିକରଣ ନିମନ୍ତେ ପ୍ରଦାନ କରାଯାଉଥିବା 5th SFC Grant-in-Aid(GIA)ରେ ପ୍ରସ୍ତାବିତ ପ୍ରକଳ୍ପ ଗୁଡିକ କାହା ଦସ୍ତଖତରେ ପ୍ରଶାସନକୁ ପ୍ରଦାନ କରାଯିବାର ବିଧି ରହିଛି ; ସମ୍ପୃକ୍ତ ବ୍ଲକର ପଞ୍ଚାୟତ ସମିତି ଅଧ୍ୟକ୍ଷ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବିଶେଷ GIA ଯୋଜନା ପାଇଁ ପ୍ରଶାସନକୁ ପ୍ରସ୍ତାବ ଦେଲେ ତାହା ଗ୍ରହଣୀୟ ହେବ କି?

----

## ସାମାଜିକ ସୁରକ୍ଷା ନିମନ୍ତେ ବ୍ୟବସ୍ଥା

10 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଭାଗ ଅଧିନସ୍ଥ ରାଜ୍ୟ ସମସ୍ତ ଜିଲ୍ଲା ଗୁଡ଼ିକ କାର୍ଯ୍ୟରତ ବାହ୍ୟ ନିଯୁକ୍ତି କର୍ମଚାରୀ ଯେଉଁମାନେ ୧୦ ବର୍ଷର ଉପରୁ କାର୍ଯ୍ୟରତ ଅଛନ୍ତି ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ନିମନ୍ତେ ସରକାରଙ୍କ ତରଫରୁ କିଛି ବ୍ୟବସ୍ଥା ଅଛି କି, ଯଦି ହଁ ତେବେ କେବେ ସୁଧା ପ୍ରଦାନ କରାଯିବ, ଯଦି ନାଁ ତେବେ ସେମାନଙ୍କ ସାମାଜିକ ସୁରକ୍ଷା ନିମନ୍ତେ ସରକାରଙ୍କ ତରଫରୁ କି ବ୍ୟବସ୍ଥା କରାଯାଉଛି ?

----

## ସ୍ଥାୟୀ ନିଯୁକ୍ତି ଦେବାର ବ୍ୟବସ୍ଥା

11 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଭାଗ ଅଧିନସ୍ଥ ରାଜ୍ୟ ସମସ୍ତ ଜିଲ୍ଲା ଗୁଡ଼ିକରେ ବାହ୍ୟ କର୍ମ ନିଯୁକ୍ତି ସଂସ୍ଥାମାନଙ୍କ ଦ୍ୱାରା ନିୟୋଜିତ କର୍ମଚାରୀ ୧୦ ବର୍ଷରୁ ଉର୍ଦ୍ଧ୍ୱରୁ କାର୍ଯ୍ୟରତ ବାହ୍ୟ କର୍ମ ନିଯୁକ୍ତିକୁ ସରକାରଙ୍କ ତରଫରୁ ସ୍ଥାୟୀ ନିଯୁକ୍ତି ଦେବାର କିଛି ବ୍ୟବସ୍ଥା ଅଛି କି, ଯଦି ହଁ ତାହାର କେବେ କରାଯିବ ଜଣାଇବେ କି, ଯଦି ନାଁ ତେବେ ସେମାନଙ୍କ ସାମାଜିକ ସୁରକ୍ଷା ନିମନ୍ତେ ସରକାରଙ୍କ ତରଫରୁ କି ପଦକ୍ଷେପ ନିଆଯାଉଛି ?

----

## Promotion of the Van Sangrakhyah Samiti

12 **Shri Ranendra Pratap Swain (Athagarh):**

Will the Minister for **Forest, Environment and Climate Change** be pleased to state that:-:- As to why the department is not implementing its programmers through the Community Forest Resources Committee established under the Forest Rights Act of 2006 be clarifies in details, additionally, what is the rationale behind the continued promotion of the Van Sangrakhyah Samiti (VSS) initiative in those causes?

----

## PMAY ହିତାଧିକାରୀ ତାଲିକାରୁ ବାଦ

13 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ୨୦୨୧-୨୨ ଓ ୨୦୨୨-୨୩ ବର୍ଷରେ ଚୟନ ହୋଇଥିବା PMAY ହିତାଧିକାରୀ ତାଲିକାରୁ କୌଣସି କାରଣ ବଶତଃ ବାଦ ପଡିଥିବା (ଯୋଗ୍ୟ) ହିତାଧିକାରୀଙ୍କୁ ତାଲିକାଭୁକ୍ତ କରିବା ପାଇଁ ରାଜ୍ୟର କେଉଁ ଜିଲ୍ଲାର କେଉଁ ବ୍ଲକ୍ ଗୁଡିକରୁ କେତୋଟି ପ୍ରସ୍ତାବ ଆସିଥିଲା ତାହା ଗୃହରେ ଉପସ୍ଥାପନ କରିବା ସହ ଏହାର ବର୍ତ୍ତମାନର ସ୍ଥିତି କ'ଣ , (ଖ) କଟକ ଜିଲ୍ଲାର କେଉଁ ବ୍ଲକ୍‌ର ବର୍ତ୍ତମାନ PMAY (G)ରେ କେତେଜଣ waiting list ରେ ଅଛନ୍ତି ତାର ଏକ ବ୍ଲକୱାରୀ ହିତାଧିକାରୀମାନଙ୍କ ନାମସହ ତାଲିକା ଦେବେ କି , ସେଥିମଧ୍ୟରୁ କେଉଁମାନେ ଏହି ବାସଗୃହ ପାଇଲେଣି ଏବଂ କେଉଁମାନଙ୍କର କେଉଁ କାରଣ ପାଇଁ ହୋଇପାରି ନାହିଁ ତା'ର ବ୍ଲକୱାରୀ ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ଜଙ୍ଗଲଜନ୍ତୁ ମୃତ୍ୟୁବରଣ

14 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚଳିତବର୍ଷ ମଧ୍ୟରେ ଏ ପର୍ଯ୍ୟନ୍ତ କେତେ, କେଉଁ ପ୍ରକାର ଜଙ୍ଗଲ ଜନ୍ତୁ ମୃତ୍ୟୁ ମୁଖରେ କେଉଁ କାରଣରୁ ପଡ଼ିଛନ୍ତି ଏହାର ସଠିକ ହିସାବ ସରକାର ଉପସ୍ଥାପନ କରିବେ କି; ଏପରି ଜଙ୍ଗଲ ଜନ୍ତୁ ମୃତ୍ୟୁର ସ୍ଥାନ କିମ୍ବା ଅଞ୍ଚଳ କେଉଁଠି; ଏହା ରୋକିବା ପାଇଁ ସରକାରଙ୍କର ଦୀର୍ଘ ମିଆଦୀ ଯୋଜନା କଣ ; ଏହି ଯୋଜନା କେତେକାଂଶରେ ସଫଳ ହୋଇଛି ସରକାର ତଥ୍ୟ ଉପସ୍ଥାପନ କରିବେ କି ?

----

## ଜାଗା ମିଶନ ଯୋଜନାରେ ଜାଗା ଦେବା

15 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ "ଜାଗା ମିଶନ" ଯୋଜନାରେ ଅଦ୍ୟାବଧି କେତେ ବ୍ୟକ୍ତି ପରିବାରଙ୍କୁ ଜାଗା ଯୋଗାଇ ଦିଆଗଲାଣି ଆଉ କେତେ ଜାଗା ପାଇବାକୁ ଅପେକ୍ଷା କରିଛନ୍ତି, ସେମାନଙ୍କୁ ଯୋଜନାବଦ୍ଧ ଭାବରେ ଏବଂ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଜାଗା ଯୋଗାଇ ଦେବା ପାଇଁ ବ୍ୟବସ୍ଥା କଣ ?

----

## ଗ୍ରାମ ରୋଜଗାର ସେବକ ମାନଙ୍କର ପାରିଶ୍ରମିକ ବୃଦ୍ଧି

16 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଗ୍ରାମ ରୋଜଗାର ସେବକମାନଙ୍କୁ ମାସିକ କେତେ ପାରିଶ୍ରମିକ ପ୍ରଦାନ କରାଯାଉଛି ପ୍ରକାଶ କରି ଦରଦାମ ବୃଦ୍ଧି ପରିପ୍ରେକ୍ଷୀରେ ସେମାନଙ୍କ ପାରିଶ୍ରମିକ ବୃଦ୍ଧି ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## ପରିବେଶ ସନ୍ତୁଳନ ପାଇଁ ପଦକ୍ଷେପ

17 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ ସହର, ଚୌଦ୍ୱାର ସହର ଓ ଭୁବନେଶ୍ୱର ସହର ଦିନକୁ ଦିନ ଉତ୍ତପ୍ତ ରୂପ ନେଉଥିବା ପ୍ରତି ସରକାର ସଚେତନ ଅଛନ୍ତି କି; ଉତ୍ତର ହଁ ହେଲେ ଏଠାରେ ପରିବେଶ ସନ୍ତୁଳନ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଅଛି ?

----

## Mega Pipe Water ପ୍ରକଳ୍ପ କାର୍ଯ୍ୟକାରୀ

18 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଖଇରା ବ୍ଲକରେ କେତେଗୋଟି Mega Pipe Water ପ୍ରକଳ୍ପ କାର୍ଯ୍ୟ ଚାଲୁଅଛି, ଉକ୍ତ କାର୍ଯ୍ୟ ମନ୍ଥର ଗତିରେ ଚାଲୁଅଛି କି, ଆଜିକୁ 5 ବର୍ଷରୁ ଉର୍ଦ୍ଧ୍ୱ ହେବ ଟେଣ୍ଡର ହୋଇଥିଲେ ମଧ୍ୟ ଅଦ୍ୟାବଧି କେତେ ଅର୍ଥ ରାଶି payment ହୋଇଛି, ଅବଶିଷ୍ଟ କେତେ ରାଶି company ପାଖରେ ଅଛି ଓ କେବେସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ସଂପୁର୍ଣ୍ଣ ହେବ?

----

## R.D. ରାସ୍ତା ନିର୍ମାଣ ପାଇଁ ଅର୍ଥ ମଂଜୁର

19 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସିମୁଳିଆ ନିର୍ବାଚନ ମଣ୍ଡଳୀରେ ଚଳିତ ଆର୍ଥିକ ବର୍ଷ କେତେ କି.ମି. R.D. ରାସ୍ତାକୁ ନୂତନ ଭାବେ କେଉଁ କେଉଁ ରାସ୍ତାକୁ କେତେ ଟଙ୍କା ଲେଖାଏଁ ଅର୍ଥ ମଂଜୁର କରାଯାଇଅଛି ଓ କେତେଗୋଟି ସେତୁ ନିର୍ମାଣ ପାଇଁ ପ୍ରସ୍ତାବ ରଖାଯାଇଅଛି ତାହା ଡିଭିଜନୱାରୀ ତାଲିକା ପ୍ରଦାନ କରିବେକି?

----

## ଜଳବାୟୁ ପରିବର୍ତ୍ତନର ସଚେତନତା ସୃଷ୍ଟି

20 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପରିବବେଶ ପ୍ରଦୂଷଣ ଯୋଗୁଁ ପ୍ରତିବର୍ଷ କଣ କଣ କ୍ଷତି ହୁଏ ଏବଂ ବିଭିନ୍ନ ବିଭାଗ କେତେ କ୍ଷତି ସହୁଛନ୍ତି ଏବଂ କି ପ୍ରକାରର କ୍ଷତି ସହୁଛନ୍ତି, ପରିବେଶ ସୁରକ୍ଷା ପାଇଁ ଚଳିତ ଆର୍ଥିକ ବର୍ଷରେ କଣ କଣ ପଦକ୍ଷେପ ନିଆଯାଇଛି ଏବଂ କେତେ ବଜେଟ୍ ପ୍ରାବଧାନ କରିଛନ୍ତି, ଜଳବାୟୁ ପରିବର୍ତ୍ତନର ସଚେତନତା ସୃଷ୍ଟି ନିମନ୍ତେ ବିଭାଗ କେତୋଟି ଏବଂ କେଉଁଠି କର୍ମଶାଳା କରିଛନ୍ତି ଏବଂ କେତେ ଟଙ୍କା ଖର୍ଚ୍ଚ ହୋଇଛି କର୍ମଶାଳାୱାରୀ ତଥ୍ୟ ଦେବେକି?

----

## ହାତୀମାନଙ୍କୁ ସୁରକ୍ଷା ଦେବା

21 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ମଧ୍ୟରେ ଥିବା ରେଳଲାଇନ ଅତିକ୍ରମ କରିବା ସମୟରେ ବେଳେବେଳେ ହାତୀମାନେ ଦୁର୍ଘଟଣାର ଶୀକାର ହେବା ସହିତ ମୃତ୍ୟୁବରଣ ମଧ୍ୟ କରୁଛନ୍ତି ଏପରି ଦୁର୍ଘଟଣା ଓ ମୃତ୍ୟୁରୁ ହାତୀମାନଙ୍କୁ ସୁରକ୍ଷା ଦେବା ପାଇଁ ବନବିଭାଗ ଓ ରେଳ ବିଭାଗ ମିଳିତ ପଦକ୍ଷେପ ନେବେକି, ଯଦି ଉତ୍ତର ହଁ ହୁଏ, କଣ କଣ ପଦକ୍ଷେପ ନେଇଛନ୍ତି ଅବା ନେବାକୁ ଯାଉଛନ୍ତି ଜଣାଇବେକି, ଚଳିତ ବର୍ଷ ରାଜ୍ୟରେ କେତୋଟି ରେଳ ଦୁର୍ଘଟଣା ଓ ତତଜନିତ ହାତୀ ମୃତ୍ୟୁ ସଂଖ୍ୟା କେତେ ଜଣାଇବେକି?

----

## ପାଇପ ଯୋଗେ ପାନୀୟ ଜଳ ଯୋଗାଣ

22 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଟଣୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଭୁବନେଶ୍ୱର ବ୍ଲକ, ଜଟଣୀ ବ୍ଲକ ଓ ଖୋର୍ଦ୍ଧା ବ୍ଲକର କେଉଁ କେଉଁ ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପୁର୍ଣ୍ଣାଙ୍ଗ ହୋଇଛି, କେଉଁ ଗ୍ରାମକୁ ପ୍ରକଳ୍ପ ନିର୍ମାଣଧିନ ଥିବାବେଳେ କେଉଁ ଗ୍ରାମକୁ ଜଳଯୋଗାଣ ପ୍ରକଳ୍ପ ନିମନ୍ତେ ପ୍ରସ୍ତାବ ଅନୁମୋଦିତ ହୋଇଛି ତାହାର ଗ୍ରାମୱାରୀ ବିବରଣୀ ଦର୍ଶାଇ ଜଟଣୀ ନିର୍ବାଚନମଣ୍ଡଳୀର ପଡାଗ୍ରାମ ସହ ପ୍ରତ୍ୟେକ ରାଜସ୍ୱ ଗ୍ରାମକୁ ନିରନ୍ତର ପାନୀୟ ଜଳ ଯୋଗାଣ ସଂପାଦନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି?

----

## ଆପାର୍ଟ୍ମେଣ୍ଟକୁ ରାସ୍ତା ସଂଯୋଗ

23 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଟଣୀ ନିର୍ବାଚନମଣ୍ଡଳୀର ଜଟଣୀ, ଖୋର୍ଦ୍ଧା ଓଭୁବନେଶ୍ୱର ବ୍ଲକର କେଉଁ ଗ୍ରାମ ପଂଚାୟତର କେଉଁ ଗ୍ରାମରେ କେଉଁ ବିଲଡର ସଂସ୍ଥା ଦ୍ୱାରା ବ୍ୟବସାୟିକ ଆପାର୍ଟ୍ମେଣ୍ଟ, ଆବାସିକ ଡୁପ୍ଲେକ୍ସ ନିର୍ମାଣ ହୋଇଛି, ନିର୍ମାଣଧିନ ଅଛି ଓ ପ୍ରସ୍ତାବ ଅନୁମୋଦିତ ହୋଇଛି ତାହାର ବିଶଦ ବିବରଣୀ ଦର୍ଶାଇ କେତୋଟି ଆପାର୍ଟ୍ମେଣ୍ଟକୁ ରାସ୍ତା ସଂଯୋଗ ହୋଇପାରିନାହିଁ ତାହାକୁ ଅବିଳମ୍ବେ ରାସ୍ତା ସଂଯୋଗ ପାଇଁ ସରକାର ବ୍ୟବସ୍ଥା ଗ୍ରହଣ କରିବେକି?

----

## ଅଭୟାରଣ୍ୟର ପରିବେଶ ପର୍ଯ୍ୟଟନ ବିକଶିତ

24 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚନ୍ଦକା ଅଭୟାରଣ୍ୟର ପରିବେଶ ପର୍ଯ୍ୟଟନ ଉନ୍ନୟନ ବାବଦରେ ବିଗତ ଚାରି ବର୍ଷରେ କେଉଁ ପ୍ରକଳ୍ପ ବାବଦରେ କେତେ ଅର୍ଥ ବିନିଯୋଗ ହୋଇଛି ଓ ଏହି ଅବଧି ମଧ୍ୟରେ କେତେଜଣ ପର୍ଯ୍ୟଟକ ଅଭୟାରଣ୍ୟ ପରିଦର୍ଶନରେ ଆସିଛନ୍ତି ତାହାର ବିବରଣୀ ଦର୍ଶାଇ ଅଭୟାରଣ୍ୟର ପରିବେଶ ପର୍ଯ୍ୟଟନ ବିକଶିତ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି?

----

## ଖୋର୍ଦ୍ଧା ପୌରପାଳିକା ନିମନ୍ତେ Integrated Comprehensive Plan

25 **ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ (ଖୋର୍ଦ୍ଧା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଖୋର୍ଦ୍ଧା ପୌରପାଳିକା ନିମନ୍ତେ ସରକାର Integrated Comprehensive Plan ପ୍ରସ୍ତୁତ କରିଛନ୍ତି କି, ଏଥିପାଇଁ କଣ ପଦକ୍ଷେପ ଗ୍ରହଣ କରାଯାଇଛି?

----

## Mega Pipe Water Supply ର ଅଗ୍ରଗତି

26 **ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ (ଖୋର୍ଦ୍ଧା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦୁଇଗୋଟି ବ୍ଲକ ଖୋର୍ଦ୍ଧା ଓ ଟାଙ୍ଗୀ ବ୍ଲକରେ ପାନୀୟ ଜଳ ଯୋଗାଣ ନିମନ୍ତେ Mega Pipe Water Supply ଯୋଜନାର ଅଗ୍ରଗତି କଣ, ଏହା କେବେ କାର୍ଯ୍ୟକ୍ଷମ କରାଯିବ?

----

## ଖୋର୍ଦ୍ଧା ପୌରପାଳିକାର ସ୍ୱେରେଜ ବ୍ୟବସ୍ଥା

27 **ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ (ଖୋର୍ଦ୍ଧା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଖୋର୍ଦ୍ଧା ପୌରପାଳିକା ଅଂଚଳରେ ସ୍ୱେରେଜ ବ୍ୟବସ୍ଥା ନିମନ୍ତେ କି କି ପଦକ୍ଷେପ ନିଆଯାଇଅଛି,ଏଥିପାଇଁ ମାଷ୍ଟର ପ୍ଲାନ ସରକାର ପ୍ରସ୍ତୁତ କରିଛନ୍ତି କି, ଯଦି ହଁ ଏହା କେବେ କାର୍ଯ୍ୟକାରୀ କରାଯିବ?

----

## Maintance of Road & drain in Cuttack

28 **Smt. Sofia Firdous (Barabati-cuttack):**

Will the Minister for **Housing & Urban Development** be pleased to state that:-:- Given the growing dissatisfaction among residents over inadequate road and drain maintenance in Cuttack; (a) Has the Government assessed the performance of the agencies to whom contract has been issued for drain cleaning and bush cutting ; (b) If an evaluation has not been conducted, what corrective actions are planned to address public grievances, including cancellation of existing contracts and issuance of tenders to more qualified agencies to ensure effective and timely maintenance ?

----

## Leasehold Land to free hold in CDA

29 **Smt. Sofia Firdous (Barabati-cuttack):**

Will the Minister for **Housing & Urban Development** be pleased to state that:-:- (a) With reference to U.D. 2135 dated 27.08 .2024, what is the target date for officially starting the conversion process of leasehold land to freehold in the Cuttack Development Authority ( CDA) area, given that preliminary steps have been reported out the process has not yet begun; What are the specific reasons for the delay, and what measures are being taken to ensure the process is initiated by the targeted start date ?

----

## Implementation of poverty alleviation programmes

30 **Shri Kalikesh Narayan Singh Deo (Bolangir):**

Will the Minister for **Panchayati Raj & Drinking Water** be pleased to state that:-:- (a ) The measures being taken to ensure the effective implementation of poverty alleviation programmes under the Panchayati Raj Department in Odisha, The specific challenges faced in this implementation and how they are being addressed and what is its implementation and success in Balangir district ?

----

## Status of the Sarbakhyama Yojana

31 **Shri Kalikesh Narayan Singh Deo (Bolangir):**

Will the Minister for **Housing & Urban Development** be pleased to state that:- :- What is the current status of the Sarbakhyama Yojana, aimed at regularizing unauthorized constructions in Odisha and how many unauthorized constructions have been regularized under this scheme since its relaunch in june 2018 ?

----

## ଗ୍ରାମ୍ୟ ଉନ୍ନୟନ ରାସ୍ତା ପକ୍କା ରାସ୍ତାରେ ପରିଣତ

32 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚଳିତ ବର୍ଷ ରାଜ୍ୟରେ କେତେ କିଲୋମିଟର ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ପକ୍କା ରାସ୍ତାରେ ପରିଣତ କରିବାପାଇଁ ନିର୍ମାଣ କରାଯାଇଛି ଓ ଏଥିପାଇଁ କେତେ ଅର୍ଥ ବିନିଯୋଗ କରାଯାଇଛି, ୨୦୨୪ - ୨୫ ଆର୍ଥୀକ ବର୍ଷ ଶେଷ ସୁଦ୍ଧା କେତେ ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତି ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ଵାରା ନିର୍ମାଣ କରିବା ପାଇଁ ଲକ୍ଷ ରଖାଯାଇଛି, ରାଜନଗର ନିର୍ବାଚନ ମଣ୍ଡଳୀରେ ଗତ ୨୦୨୩ - ୨୪ ଓ ୨୪-୨୫ ବର୍ଷ ପାଇଁ Tender ହୋଇ Agreement ହୋଇଥିଲେ ମଧ୍ୟ ଗ୍ରାମ୍ୟ ଉନ୍ନୟନ ରାସ୍ତାଗୁଡ଼ିକ କାମ ହୋଇ ନ ପାରିବାର କାରଣ କଣ ଓ ସେଗୁଡ଼ିକ କେବେ ଆରମ୍ଭ ହେବ ଓ କେବେ ଶେଷ ହେବ?

----

## ବିଶୁଦ୍ଧ ପାନୀୟ ଜଳ ଯୋଗାଣ

33 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ କେଉଁ ଜିଲ୍ଲାକୁ କେନ୍ଦ୍ର ସରକାର ଜଳକ୍ଲିଷ୍ଟ ଜିଲ୍ଲାଭାବେ ଘୋଷଣା କରିଛନ୍ତି, ଏହି ଜିଲ୍ଲାରେ ସାଧାରଣ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ସରକାର କି କି ପଦକ୍ଷେପ ନେଇଛନ୍ତି, ରାଜନଗର ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକାରୀ ହେଉଥିବା ମେଗା ପାନୀୟଜଳ ପ୍ରକଳ୍ପ କେବେ ସୁଦ୍ଧା କାମ ସରିବ ଓ ଲୋକଙ୍କୁ ଏହି ପ୍ରକଳ୍ପ ଜରୀଆରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ, ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ନ ସରିବା ପର୍ଯ୍ୟନ୍ତ ଲୋକମାନଙ୍କୁ ବିକଳ୍ପ ବ୍ୟବସ୍ଥା ସ୍ୱରୂପ ଗଭୀର ନଳକୂପ ଜରୀଆରେ ପାନୀୟ ଜଳ ଯୋଗାଇ ଦେବା ପାଇଁ ଆବଶ୍ୟକୀୟ ନଳକୂପ ଖନନ କରିବା ପାଇଁ ବ୍ୟବସ୍ଥା କରିବେ କି ?

----

## Sanction of Funds to repair of Road

34 **Shri Niranjan Pujari (Sonepur):**

Will the Minister for **Housing & Urban Development** be pleased to state that:- :- Is it a fact that this road in Sonepur Municipality from "Pancharathoo Temple to Tetel Ghat" need improvement /Modernisation, Is there any proposal of this Govt, to sanction funds for this said project ?

----

## ସୋନପୁରଠାରେ Stall -Cum- Gallery ନିର୍ମାଣ

35 **ଶ୍ରୀ ନିରଞ୍ଜନ ପୂଜାରୀ (ସୋନପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସୋନପୁର Municipality ର Royal Field ଠାରେ ଏକ Stall -Cum- Gallery ର ପ୍ରସ୍ତାବ ସରକାରଙ୍କ ଅନୁମୋଦନ ଅପେକ୍ଷାରେ ବହୁଦିନ ଧରି ପଡ଼ିରହିଥିବା କଥା ସତ୍ୟ କି; ଯଦି ଉତ୍ତର ହଁ ହୁଏ ତେବେ ଉକ୍ତ Project ଟିକୁ Sanction କରିବାର ବ୍ୟବସ୍ଥା କରିବେ କି ?

----

## ରାସ୍ତା ମରାମତି ପାଇଁ ଅର୍ଥ ଖର୍ଚ୍ଚ

36 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀରେ ଗତ ୫ ବର୍ଷ ଭିତରେ ମୋଟ କେତୋଟି ରାସ୍ତା କେତେ କିମି ନୂତନ ରାସ୍ତା କେଉଁ କେଉଁ ବ୍ଲକରେ ନିର୍ମିତ ହୋଇଛି ଓ କେତୋଟି ପୋଲ, ବ୍ରିଜ୍ କେଉଁ କେଉଁ ସ୍ଥାନରେ ନିର୍ମିତ ହୋଇଛି ତାର ରିପୋର୍ଟ ବର୍ଷୱାରୀ, ବ୍ଲକୱାରୀ ଦେବା ସହ କେତେ ରାସ୍ତା କାମ ଚାଲିଛି କେତେ ଖର୍ଚ୍ଚ ହୋଇଛି ଓ ସେହି ଅବଧିରେ କେଉଁ କେଉଁ ରାସ୍ତା କେତେ କିମି ରାସ୍ତା Repairingରେ କେତେ ଖର୍ଚ୍ଚ ହୋଇଛି ?

----

## MGNREGA ଯୋଜନା ଦ୍ୱାରା Project approval

37 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ୨୦୧୯-୨୦୨୪ ଆଜି ପର୍ଯ୍ୟନ୍ତ ବାଲିଗୁଡ଼ା ନିର୍ବାଚନମଣ୍ଡଳୀରେ (MGNREGA) ମନରେଗା କାମରେ କେତୋଟି project approval ହୋଇ କାମ ହୋଇଛି, କେତେ କାମ ଅଧାରେ ଚାଲିଛି ଓ କେତୋଟି Project pending ଅଛି ଉତ୍ତର ଦେବା ସହ ସମସ୍ତ project ପାଇଁ କେତେ material ଲାଗିଛି ଓ ସମସ୍ତ ମାଟେରିଆଲ (material) କେଉଁ କେଉଁ vendor ମାନଙ୍କ ଠାରୁ କେତେ Rateରେ କିଣାଯାଇଛି ତାର ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ନୂତନ ଜଙ୍ଗଲ ସୃଷ୍ଟି

38 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀରେ ୨୦୧୯-୨୦୨୪ ଆଜି ପର୍ଯ୍ୟନ୍ତ କେଉଁ କେଉଁ ଜାଗାରେ କେତେ ହେକ୍ଟର ଜମିରେ ନୂତନ ଜଙ୍ଗଲ ସୃଷ୍ଟି କରାଯାଇଛି ଓ କେଉଁ କେଉଁ ଚାରା କେତେ ପରିମାଣରେ କେଉଁ କେଉଁ ସ୍ଥାନରେ କି ପ୍ରକାର ଚାରା ଲଗାଯାଇଛି ଓ ଗଛ ଗୁଡ଼ିକର ସୁରକ୍ଷା ପାଇଁ ପାଣି ଦେବା ବାବଦକୁ, Transport ଖର୍ଚ୍ଚ ଓ ତାର ଜାଲି ଖର୍ଚ୍ଚ ବାବଦକୁ କେତେ ଟଙ୍କା ଅନୁଦାନ ଆସିଥିଲା ଓ କେଉଁ scheme ଗୁଡ଼ିକ ଦ୍ଵାରା ଏ ସମସ୍ତ କାମ ହୋଇଛି ତାର ବ୍ଲକ ୱାରି, ବର୍ଷୱାରୀ ନିର୍ଭୁଲ ତଥ୍ୟ ପ୍ରଦାନ କରିବେ କି ?

----

## ପାଇପ ଯୋଗେ ପାନୀୟ ଜଳ ଯୋଗାଣ

39 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟର ବହୁସଂଖ୍ୟକ ମେଗା ପାନୀୟଜଳ ପ୍ରକଳ୍ପ ପାଇଁ ବିଭିନ୍ନ ନଦୀରୁ ଜଳ ଆହରଣ କରାଯାଉଥିବା ଓ ନଦୀ ଜଳ ପ୍ରଦୂଷିତ କାରଣରୁ ଉତ୍ତୋଳିତ ଜଳକୁ ବିଶୋଧିତ କରି ଲୋକଙ୍କୁ ପାଇପ୍ ଯୋଗେ ଜଳଯୋଗାଣ ନିମନ୍ତେ କି ସମନ୍ୱିତ ପଦକ୍ଷେପ ଗ୍ରହଣ କରାଯାଉଛି; ଏବଂ (ଖ) ଦୟାନଦୀ ଜଳକୁ ପ୍ରଦୂଷଣମୁକ୍ତ କରି ସେଠାରୁ ଗୁଣାବତ୍ତା ଥିବା ପାନୀୟଜଳ ଆହରଣ ପାଇଁ ବ୍ୟବସ୍ଥାପୂର୍ବକ କଣାସ, ସତ୍ୟବାଦୀ ଆଦି ପୁରୀ ଜିଲ୍ଲାର ବ୍ଲକ ମାନଙ୍କୁ ଯୋଗାଇ ଦେବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଗୃହ ନିର୍ମାଣ ସମବାୟ ସମିତି ଦ୍ୱାରା ଋଣ ପ୍ରଦାନ

40 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## ବ୍ୟାପକ ହେନ୍ତାଳ ବଣ ସୃଷ୍ଟି

41 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବିଗତ 'ଦାନା ବାତ୍ୟା'ରେ ହେନ୍ତାଳବଣ ଯୋଗୁଁ କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ବାତ୍ୟା ପ୍ରକୋପ ହ୍ରାସ ପରିପ୍ରେକ୍ଷୀରେ ପୁରୀ ଜିଲ୍ଲାର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ବ୍ୟାପକ ହେନ୍ତାଳ ବଣ ସୃଷ୍ଟି ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ବ୍ରିଜ୍ ଓ ରାସ୍ତା କାର୍ଯ୍ୟ ଆରମ୍ଭ

42 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ନିମ୍ନଲିଖିତ ବ୍ରିଜ ଓ ରାସ୍ତା ଯୋଗୁଁ ଜନ ସାଧାରଣ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ଏହି ବିଷୟରେ ସରକାର ଅବଗତ ଅଛନ୍ତି କି; ସେଗୁଡ଼ିକ ହେଲା : ବିନ୍ଧେଇବସ୍ତ ବ୍ରିଜ, ଗମ୍ଭାରୀ ସ୍ଥିତ local ନାଳ ଉପରେ HL ବ୍ରିଜ, କୃଷ୍ଣପ୍ରସାଦ ବ୍ଲକରେ କାଇଁଚକାଣିଆ ବ୍ରିଜ, SOUTH କାଣିଆ ବଡଦିଆଣ୍ଡି HL ବ୍ରିଜ, ପୁରୀ ସଦର ବ୍ଲକ କେରାଣ୍ଡିପୁର ଠାରେ HL ବ୍ରିଜ, ବେଣାକାଣିଆ-ଚଢେଇକୁଦି ବ୍ରିଜ, ହାଣ୍ଡିଆଳି Buxi କେନାଲ ବ୍ରିଜ, ବଡବେଣାକୁଦି କିମ୍ବୀରିଆ ବ୍ରିଜ . ଏଗୁଡିକ କେବେ ସୁଦ୍ଧା କାର୍ଯ୍ୟ ଆରମ୍ଭ ହୋଇ କେବେ ସରିବ?

----

## କୁଶଳୀ ଓ ଅଣକୁଶଳୀ ଶ୍ରମିକ ଦାଦନ ପାଇଁ ଅନ୍ୟ ରାଜ୍ୟକୁ ଯିବା

43 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଓଡ଼ିଶାରେ କେତେ ଦାଦନ ଶ୍ରମିକ କେଉଁ ଜିଲ୍ଲା ରୁ କେଉଁ କେଉଁ ରାଜ୍ୟ କୁ ପ୍ରତି ବର୍ଷ ଯାଆନ୍ତି; ସେମାନେଙ୍କ ଜିଲ୍ଲାୱାରୀ ସଂଖ୍ୟା କେତେ; ସେମାନେଙ୍କୁ ନିଜ ରାଜ୍ୟରେ ଆକୃଷ୍ଟ କରି ରଖି ପାଇଁ ସରକାର କି ବିଶେଷ ପଦକ୍ଷେପ ନେଇଛନ୍ତି ତାହା ଗୃହକୁ ଜଣେଇବେ କି; ଓଡ଼ିଶାର କେତେ କୁଶଳୀ ଓ ଅଣକୁଶଳୀ ଶ୍ରମିକ ବିଭିନ୍ନ ଦେଶକୁ ଯାଉଥିବା ସରକାରଙ୍କ ନଜରକୁ ଆସିଛି କି; ଯଦି ହଁ କେଉଁ ଜିଲ୍ଲା ରୁ କେତେ ସଂଖ୍ୟକ ଶ୍ରମିକ, କେଉଁ ଦେଶକୁ ଗତ ୨ ବର୍ଷ ମଧ୍ୟରେ ଯାଇଛନ୍ତି ତାହା ଜଣାଇବା ସହିତ ସେମାନଙ୍କ ବିଷୟରେ ସବିଶେଷ ଖବର ସରକାରଙ୍କ ପାଖରେ ଅଛି କି ?

----

## ଜଳ ଓ ବାୟୁ ପ୍ରଦୂଷଣ କାରୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

44 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ः- ବିଗତ ଦିନରେ ଉଭୟ ଜଳ ଓ ବାୟୁ ପ୍ରଦୂଷଣ ପାଇଁ ଦାୟୀ ଥିବା କେଉଁ କେଉଁ ଅନୁଷ୍ଠାନ ଉପରେ ସରକାର ଜୋରିମାନା କଷିଥିଲେ ଓ ସେମାନଙ୍କ ମଧ୍ୟରୁ କେଉଁ ସଂସ୍ଥା ସରକାରଙ୍କ ନିର୍ଦ୍ଦେଶ ମୁତାବକ ଜୋରିମାନା ଦେଇଛନ୍ତି କେଉଁମାନେ ଦେଇନାହାନ୍ତି ଓ କେଉଁ ମାନେ ନିଷ୍ପତ୍ତି ବିରୁଦ୍ଧରେ କୋର୍ଟ ଯାଇଛନ୍ତି, କେତେ ଟଙ୍କା ଜୋରିମାନା ବାବଦକୁ ଆଦାୟ ହୋଇଛି ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ଼ ଓ ବିଭାଗ ମାଧ୍ୟମରୁ ଜାଣିହେବ କି ; ତଥ୍ୟ ପ୍ରଦାନ କରିବେ କି; ସେହିଭଳି ହିରାକୁଦ ଜଳଭଣ୍ଡାର ଓ ଅନ୍ୟାନ୍ୟ ନଦୀ ଜଳଭଣ୍ଡାରରେ ଅନିୟନ୍ତ୍ରିତ କୃଷିଭିତ୍ତିକ ଓ ଶିଳ୍ପ ଭିତ୍ତିକ ବର୍ଜ୍ୟ ମିଳିବା ଫଳରେ ପାଣିର ମାନ ଅତ୍ୟନ୍ତ ଖରାପ ଓ ବ୍ୟବହାର ଅନୁପଯୁକ୍ତ ହେଉଥିବାରୁ ନିରାକରଣ କରିବେ କି ?

----

## ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଗୃହ ଯୋଗାଣ

45 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ः- ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆସୁଥିବା ଘର ଏଣିକି ଯେପରି ଧନିକ ଶ୍ରେଣୀ ଲୋକ, ଛାତଘର ଥିବା ଲୋକ, ଚାକିରିଆ ଓ ଦଳୀୟ ଭିତ୍ତିରେ ବଣ୍ଟା ନହେବ ବା କାର୍ଯ୍ୟାଦେଶ ନ ମିଳିବ ସେଥିପାଇଁ ଡବଲ ଇଞ୍ଜିନ ସରକାର (ଓଡ଼ିଶା ସରକାର) ଶତ ପ୍ରତିଶତ ଗ୍ୟାରେଣ୍ଟି ପ୍ରଦାନ କରିବେ କି; ସେହିଭଳି ଗତ ୫ ବର୍ଷ ଭିତରେ ଓଡ଼ିଶାକୁ କେତେ ଗୃହ ଆବାସ ଯୋଜନାରେ ଆସିଥିଲା, କେତେ ଯୋଗ୍ୟ ହିତାଧିକାରୀଙ୍କୁ ଦିଆଗଲା, କେତେ ହିତାଧିକାରୀ ଘର କଲେ ଓ କେତେ ଲୋକଙ୍କ କଚ୍ଚାଘର ମାଟି ଘର, ଭଙ୍ଗାଘର, ଜରିପାଲ ଟଣା, ଛପର ଘର ଅଛି ବୋଲି ଗତ 'ଦାନା' ବାତ୍ୟା ସମୟରେ ସରକାର ଜାଣିବାକୁ ପାଇଲେ ସେମାନଙ୍କୁ ତୁରନ୍ତ ଘର ଦେବେ କି ?

----

## ଜଙ୍ଗଲ ଜମିକୁ ଅଣ ଜଙ୍ଗଲ କାର୍ଯ୍ୟକ୍ରମ ମଞ୍ଜୁରୀ

46 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ः- ବିଗତ ଦଶ ବର୍ଷରେ ଆମ ରାଜ୍ୟର ସମୁଦାୟ କେତେ ପରିମାଣର ଜଙ୍ଗଲ ଜମିକୁ ଅଣ ଜଙ୍ଗଲ କାର୍ଯ୍ୟକ୍ରମ ଉଦ୍ଦେଶ୍ୟରେ ମଞ୍ଜୁରୀ ମିଳିଅଛି ଏବଂ କ'ଣ ପାଇଁ ତାହା କରାଯାଇଛି ତାହାର ଏକ ବିବରଣୀ ପ୍ରଦାନ କରିବେ କି, ଏଥିସହିତ ପରିବେଶ ଏବଂ ଜଙ୍ଗଲ ବିଭାଗ ମଞ୍ଜୁରୀ ପାଇଁ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ କେତୋଟି ପ୍ରକଳ୍ପ ବିଚାରାଧୀନ ଅଛି ଓ ସେଥିମଧ୍ୟରୁ ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡଗରା ବେଳାଭୂମିର ବିକାଶ ପାଇଁ ଜଙ୍ଗଲ ଓ ପରିବେଶ ମଞ୍ଜୁରୀ ନିମନ୍ତେ ଅଟକି ଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ କିଛି ପଦକ୍ଷେପ ନିଆଯାଉଛି କି ?

----

## ବାତ୍ୟା 'ଦାନା' ର ପ୍ରଭାବରେ ପ୍ରଭାବିତ ଜିଲ୍ଲାଗୁଡିକର ପାନୀୟ ଜଳ ପ୍ରକଳ୍ପ

47 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବାତ୍ୟା 'ଦାନା' ର ପ୍ରଭାବରେ ପ୍ରଭାବିତ ଜିଲ୍ଲାଗୁଡିକର ପାନୀୟ ଜଳ ପ୍ରକଳ୍ପ ଓ ନଳକୂପଗୁଡିକର କ୍ଷୟକ୍ଷତି ପରିମାଣ କେତେ ଓ ସେଗୁଡିକର ମରାମତି ଓ ନବୀକରଣ ବାବଦରେ ସରକାର କଣ ପଦକ୍ଷେପ ନେଇଛନ୍ତି ତାହାର ଏକ ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି, ଏଥିସହିତ ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବସ୍ତା ଓ ବାଲିଆପାଳ ବ୍ଲକରେ ଚଳିତ ଆର୍ଥିକ ବର୍ଷ 2024-25 ରେ କେତେଗୋଟି ପାନୀୟ ଜଳ ପ୍ରକଳ୍ପ, ନଳକୂପ କାର୍ଯ୍ୟକ୍ଷମ ଅଛି, କେତୋଟି ଖରାପ ଅଛି, ନୂତନ ନଳକୂପ ଏବଂ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହେବାର ଲକ୍ଷ୍ୟ ଅଛି ତାହାର ଏକ ତାଲିକା ପ୍ରଦାନ କରିବେ କି ?

----

## କର୍ମଚାରୀ ମାନଙ୍କ ନିଯୁକ୍ତିର ନବୀକରଣ

48 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବିଭାଗ ଅଧୀନରେ ବିଭିନ୍ନ ପ୍ରକଳ୍ପରେ ଏବଂ ବିଭିନ୍ନ ଦପ୍ତରରେ କେତେ ସଂଖ୍ୟକ ଆଉଟସୋର୍ସିଂ କର୍ମଚାରୀ କେଉଁ କେଉଁ ସଂସ୍ଥାରୁ ଆସି ନିୟୋଜିତ ହୋଇଥିଲେ, ସେମାନଙ୍କର ନିଯୁକ୍ତି ଅବଧି କେବେ ଠାରୁ ସମାପ୍ତ ହୋଇଛି ଏବଂ ବର୍ତ୍ତମାନ ସୁଦ୍ଧା ସେମାନେ କାର୍ଯ୍ୟ କରୁଛନ୍ତି କି, ଯଦି ହଁ, ତେବେ ଏହି କର୍ମଚାରୀମାନଙ୍କ ନିଯୁକ୍ତିର ନବୀକରଣ ପାଇଁ କି ପଦକ୍ଷେପ ନେଉଛନ୍ତି ଓ ସେମାନଙ୍କ ବାକି ଥିବା ପାଉଣା କେବେ ସୁଦ୍ଧା ପଇଠ କରିବେ ତାହା ଦର୍ଶାଇବେ କି ?

----

## ଅନ୍ୟ ରାଜ୍ୟରୁ ଆସିଥିବା ମହାବଳ ବାଘ

49 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ବର୍ତ୍ତମାନ ସୁଦ୍ଧା କେଉଁ କେଉଁ ଜଙ୍ଗଲ ଡିଭିଜନରେ ମହାବଳ ସମେତ କେଉଁ ପ୍ରଜାତିର କେତେ ବାଘ ରହିଛନ୍ତି, ଅନ୍ୟ ରାଜ୍ୟରୁ ପୂର୍ବରୁ କେବେ ଓଡିଶାକୁ ମହାବଳ ଆସିଥିଲେ ଓ ସେମାନଙ୍କୁ କେଉଁସବୁ ଜଙ୍ଗଲରେ ଛଡା ଯାଇଥିଲା, ଅନ୍ୟ ରାଜ୍ୟରୁ ଆସିଥିବା ମହାବଳଙ୍କ ସ୍ଥିତି କ'ଣ ରହିଛି, ବର୍ତ୍ତମାନ କେଉଁ ରାଜ୍ୟରୁ କେତେ ସଂଖ୍ୟକ ମହାବଳ ଆଣି ଓଡିଶା ଜଙ୍ଗଲରେ ଛାଡିବାର ଯୋଜନା ରହିଛି ଓ ବର୍ତମାନ ସୁଦ୍ଧା କେତେ କେତୋଟି ବାଘ କେଉଁ ରାଜ୍ୟରୁ ଆସିଛନ୍ତି ତାହା ଉଲ୍ଲେଖ କରିବେ କି ?

----

## ଅର୍ଥ କମିଶନଙ୍କ ପଞ୍ଚାୟତ ସମିତି ମିଳୁଥିବା ଅନୁଦାନ

50 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଅର୍ଥ କମିଶନଙ୍କ ଅନୁଦାନ ଅନୁସାରେ ବିଭିନ୍ନ ପଞ୍ଚାୟତ ସମିତିକୁ ମଞ୍ଜୁର ଅର୍ଥ (GIA) ନିମିତ୍ତ ପ୍ରକଳ୍ପ ତାଲିକା ବିନା ପଞ୍ଚାୟତ ସମିତି ଅଧ୍ୟକ୍ଷ / ଅଧ୍ୟକ୍ଷାଙ୍କ ଗୋଚର କିମ୍ବା ଅନୁମୋଦନରେ ଚୂଡାନ୍ତ କରାଯିବାର କୌଣସି ଆଇନ ଅଛି କି, ଯଦି ନାଁ, ତେବେ ଏପରି ଏକ ବ୍ୟତିକ୍ରମ କେନ୍ଦ୍ରାପଡା ପଞ୍ଚାୟତ ସମିତିରେ ଘଟିଥିବା ଜାଣନ୍ତି କି, ଯଦି ହଁ ତେବେ ଏ କ୍ଷେତ୍ରରେ କି ପଦକ୍ଷେପ ନେଇଛନ୍ତି?

----

## ଯୋଗ୍ୟ ହିତାଧିକାରୀ ଚୟନ ପାଇଁ ମାନଦଣ୍ଡ

51 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ ୨୦୨୪ - ୨୫ ଆର୍ଥିକ ବର୍ଷରେ କେତେ ସଂଖ୍ୟକ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯୋଗାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି, (ଖ) ଯୋଗ୍ୟ ହିତାଧିକାରୀ ଚୟନ ପାଇଁ କି କି ମାନଦଣ୍ଡ ନିର୍ଦ୍ଧାରଣ କରାଯାଇଛି ତା'ର ତଥ୍ୟ ଉପସ୍ଥାପନ ସହ ହିତାଧିକାରୀ ଚୟନ ପ୍ରକ୍ରିୟା କେବେ ଠାରୁ ଆରମ୍ଭ କରାଯିବ?

----

## P.M. ଆବାସ ଯୋଜନାରେ ଗୃହ ଯୋଗାଣ

52 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) 2014-15 ଆର୍ଥିକ ବର୍ଷରୁ ଆଜିଯାଏଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କେଉଁ ଯୋଜନାରେ ବଡଚଣା ବ୍ଲକରେ କେତେ ପରିବାରକୁ ପକ୍କା ଘର ଦିଆଯାଇଛି, ସେଥିରୁ କେତୋଟି ସମ୍ପୂର୍ଣ୍ଣ, କେତେ ନିର୍ମାଣାଧିନ ଓ କେତୋଟି ପକ୍କା ଘର ଆଦୌ ନିର୍ମାଣ ଆରମ୍ଭ ହୋଇନାହିଁ, ସେହି ହିତାଧିକାରୀଙ୍କ ତଥ୍ୟ ପଞ୍ଚାୟତୱାରୀ ଦେବେ କି, (ଖ) PM-ଆବାସ ଯୋଜନାରେ (ଗ୍ରାମୀଣ) ରେ କେତେ ଶିଳ୍ପୀ, ଶ୍ରମିକ ପକ୍କା ଘର ପାଇଛନ୍ତି, ତା'ର ତଥ୍ୟ ବଡଚଣା ବ୍ଲକ ସହ ଜିଲ୍ଲାୱାରୀ ପ୍ରଦାନ କରିବେ କି ?

----

## ପଞ୍ଚାୟତିରାଜ ଓ ପ୍ରସ୍ତାବିତ ପ୍ରକଳ୍ପ କାର୍ଯ୍ୟ ଶେଷ କରିବା

53 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ତାରକା ପ୍ରଶ୍ନ 23 ର, 23 ଜୁଲାଇ 2024 ରେ ପ୍ରଦତ୍ତ ଉତ୍ତର ଆଧାରରେ ବଡଚଣା ବ୍ଲକରେ Dec. 2024 ସୁଦ୍ଧା ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଯିବ, ଅଣତାରକା ପ୍ରଶ୍ନ 4827 ର 10.୦୨.2024 ରେ ପ୍ରଦତ୍ତ ଉତ୍ତର ଆଧାରରେ ବଡଚଣା ବ୍ଲକରେ OCt.2025 ସୁଦ୍ଧା ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ, ତେବେ ଏହି ମେଗା ପାନୀୟ ଜଳ ପ୍ରକଳ୍ପ କେବେସୁଦ୍ଧା କାର୍ଯ୍ୟକ୍ଷମ ହୋଇ ବଡଚଣାବାସୀଙ୍କୁ ପିଇବା ପାଣି ମିଳିବ, (ଖ) ଯାଜପୁର ଜିଲ୍ଲାରେ ମେଗା ପ୍ରକଳ୍ପଗୁଡିକୁ କେଉଁ ସଂସ୍ଥାକୁ କେତେ ଟଙ୍କାରେ ଦିଆଯାଇଛି, ସେହି ପ୍ରକଳ୍ପର କେତେ ଅର୍ଥ ଏବେସୁଦ୍ଧା ସମ୍ପୃକ୍ତ ଠିକା ସଂସ୍ଥାକୁ ଦିଆଯାଇଛି, ତେବେ ସେହି ପ୍ରକଳ୍ପଗୁଡିକ କେବେ ସରିବ, ତାର ତଥ୍ୟ ବିଧାନସଭା ନିର୍ବାଚନ ମଣ୍ଡଳୀୱାରୀ ପ୍ରଦାନ କରିବେ କି ?

----

## କୋରାପୁଟ ଜିଲ୍ଲାର ଶ୍ରମିକ ମାନଙ୍କୁ କାର୍ଯ୍ୟ ଯୋଗାଇବା

54 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଗତ ୭ ବର୍ଷ ମଧ୍ୟରେ ଅବିଭକ୍ତ କୋରାପୁଟ ଜିଲ୍ଲାରୁ କେତେ ସଂଖ୍ୟକ ଶ୍ରମିକ କାର୍ଯ୍ୟ ଅନ୍ୱେଷଣରେ ଅନ୍ୟ ରାଜ୍ୟକୁ ଯାଉଛନ୍ତି, ତାହାର ଏକ ବିସ୍ତୃତ ବିବରଣୀ ପ୍ରଦାନ କରିବେ କି, ଅବିଭକ୍ତ କୋରାପୁଟ ଜିଲ୍ଲାରେ ଶ୍ରମିକମାନଙ୍କୁ କାର୍ଯ୍ୟ ଯୋଗାଇ ନଦେବା କାରଣ କଣ ?

----

## ବେ୍‌ଆଇନ ଆପାର୍ଟମେଣ୍ଟ ନିର୍ମାଣ

55 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଭୁବନେଶ୍ୱରରେ କେତେ ସଂଖ୍ୟକ ବେଆଇନ ଆପାର୍ଟମେଣ୍ଟ ନିର୍ମାଣ ହୋଇଛି, ସେଥିମଧ୍ୟରୁ କେଉଁ କେଉଁ ବିଲ୍ଡର ବେଆଇନ କୋଠା ନିର୍ମାଣ କରିଛନ୍ତି ତାହାର ଏକ ତାଲିକା ପ୍ରଦାନ କରିବେ କି ଏବଂ ଆଇନ ସମ୍ମତ ନଥାଇ ଏହି ଆପାର୍ଟମେଣ୍ଟ ନିର୍ମାଣ କରାଯାଇ ଥିବାରୁ ସମ୍ପୃକ୍ତ ବିଲ୍ଡରମାନଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ଏହାର ଏକ ତଥ୍ୟ ପ୍ରଦାନ କରିବେ କି ?

----

## Engineers Working more than 3 years

56 **Shri Tusharkanti Behera (Kakatpur)ঃ**

Will the Minister for **Housing & Urban Development** be pleased to state thatঃ- ঃ- How many Executive Officers, Jr. Engineers and Asst. Executive Engineers under Municipality and NAC are working more than 3 years in the same district, same Municipality and NAC in same post, Will the Govt. furnish the details information district wise and Municipality, NAC wise ?

----

## ଓଭର ଟାଙ୍କର ରକ୍ଷଣା ବେକ୍ଷଣ

57 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର)ଃ**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) କୋଣାର୍କ NAC ଅଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ କେତୋଟି ଓଭର ହ୍ୟାଡ ଟ୍ୟାଙ୍କ ନିର୍ମିତ ହୋଇଛି, ନୂଆ କେତେ ଟ୍ୟାଙ୍କ ନିର୍ମାଣ ପାଇଁ ପ୍ରସ୍ତାବ ଅଛି, ଟ୍ୟାଙ୍କ ଗୁଡିକ ରକ୍ଷଣା ବେକ୍ଷଣ ଦାୟିତ୍ୱ ବିଭାଗ କରୁଛି ନା କୌଣସି ବେସରକାରୀ ସଂସ୍ଥା / ବ୍ୟକ୍ତି ବିଶେଷଙ୍କୁ ଦିଆଯାଇଛି, ଏଥିପାଇଁ କେବେ ବିଧିବଦ୍ଧ ଟେଣ୍ଡର ଆହ୍ୱାନ କରାଯାଇଥିଲା, ଏହା କଣ ସତ୍ୟ କି କେତେକ କ୍ଷେତ୍ରରେ ବିଭାଗୀୟ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ଥାଇ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଇଛି, ଏବଂ (ଖ) ଚଳିତ ବର୍ଷ ଏହି ଓଭର ହ୍ୟାଡ ଟ୍ୟାଙ୍କର ରକ୍ଷଣାବେକ୍ଷଣ ପାଇଁ ଆଜି ପର୍ଯ୍ୟନ୍ତ କେତେ ଅର୍ଥ ଖର୍ଚ୍ଚ ହୋଇଛି ତାର ମାସୱାରୀ ସବିଶେଷ ତଥ୍ୟ ପ୍ରଦାନ ସହ ଅର୍ଥ ପ୍ରଦାନ କରାଯାଇଥିବା ସଂସ୍ଥାର ବିବରଣୀ ଦେବେ କି ?

----

## ହାତୀ, ବାଘ ମୃତ୍ୟୁ ରୋକିବା ପାଇଁ ପଦକ୍ଷେପ

58 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ୦୧.୦୭.୨୦୨୪ ରିଖ ଠାରୁ ଆଜି ପର୍ଯ୍ୟନ୍ତ କେତେ ହାତୀ, ବାଘ ଓ ଅନ୍ୟାନ୍ୟ ବନ୍ୟପ୍ରାଣୀଙ୍କ କେଉଁ କେଉଁ ଜିଲ୍ଲାରେ ବିଭିନ୍ନ କାରଣରୁ ହତ୍ୟା / ମୃତ୍ୟୁ ହୋଇଛି, ତାର ଜିଲ୍ଲାୱାରୀ ତଥ୍ୟ ଦେବେ କି, ହାତୀ ଓ ବାଘ ଗୁଡିକର ମୃତ୍ୟୁ ସମ୍ପର୍କରେ ବିଭାଗୀୟ ତଦନ୍ତ ହୋଇଛି କି, ଯଦି ହଁ ତା ହେଲେ ଦାୟୀ ବିଭାଗୀୟ ଅଧିକାରୀ / ବ୍ୟକ୍ତି ବିଶେ,ଙ୍କ ବିରୁଦ୍ଧରେ କଣ କାର୍ଯ୍ୟାନୁଷ୍ଠାନ ହୋଇଛି, ହାତୀ ଓ ବାଘ ମୃତ୍ୟୁ ରୋକିବା ଦିଗରେ କି ପଦକ୍ଷେପ ନେଇଛନ୍ତି?

----

## ପାନୀୟ ଜଳ ପ୍ରକଳ୍ପର ମରାମତି ପାଇଁ ଅନୁଦାନ

59 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଷମ କଟକ ନିର୍ବାଚନ ମଣ୍ଡଳୀ ରେ ବର୍ତମାନ ସୁଦ୍ଧା ବିଭାଗ ପକ୍ଷରୁ ଗତ ୩ ବର୍ଷ ମଧ୍ୟରେ ପାନୀୟ ଜଳ ଯୋଗାଣ, ମରାମତି, ବାବଦରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ତାହାର ବ୍ଲକ ୱାରୀ ତଥ୍ୟ ପ୍ରଦାନ କରିବେ କି ଏବଂ ବିଷମକଟକ ଭଳି ପଞ୍ଚାୟତ ହେଡ୍‌କ୍ୱାର୍ଟର ପାଇଁ ଘରୋଇ ଜଳ ଯୋଗାଣ ପାଇଁ ଯେଉଁ ପ୍ରକଳ୍ପ ସ୍ୱୀକୃତି ହୋଇଥିଲା ତାହାର ଟେଣ୍ଡର ପ୍ରକ୍ରିୟା ର ସ୍ଥିତି କଣ, ବିଷମ କଟକ ନିର୍ବାଚନ ମଣ୍ଡଳୀ ସମେତ ରାୟଗଡା ଅନ୍ୟ ପଞ୍ଚାୟତ କୁ ଯାହାର ଜନସଂଖ୍ୟା ୧୦ ହଜାର ରୁ ଅଧିକ ସେଗୁଡିକ ପାଇଁ DMF ଜରିଆରେ ଅତିରିକ୍ତ ୨୦ ଲକ୍ଷ୍ୟ ଟଙ୍କା ର ଅନୁଦାନ ପାଇଁ ପ୍ରସ୍ତାବ ରଖାଯିବା ସହ ଜଳ ଯୋଗାଣ, ପରିମଳ ପାଇଁ ଖର୍ଚ୍ଚ କରିବେ କି, କାରଣ ପଞ୍ଚାୟତ ଗୁଡ଼ିକୁ ଆସୁଥିବା CFC/SFC ଅନୁଦାନ ୧୦ ହଜାର ରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ପଞ୍ଚାୟତ ପାଇଁ ପର୍ଯ୍ୟାପ୍ତ ହେଉ ନାହିଁ ?

----

## ଜଙ୍ଗଲ ସଂରକ୍ଷଣ ପ୍ରକଳ୍ପର ଉନ୍ନତିକରଣ

60 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଙ୍ଗଲ ସଂରକ୍ଷଣ ଏବଂ ପରିଚାଳନା, ବନ୍ୟଜନ୍ତୁ ସୁରକ୍ଷା,ବୃକ୍ଷରୋପଣ, ନୂତନ ଜଙ୍ଗଲ ସୃଷ୍ଟି କାର୍ଯ୍ୟକ୍ରମ,ଜଙ୍ଗଲ ଅଗ୍ନିକାଣ୍ଡ,ଇକୋଟ୍ୟୁରିଜିମ୍ ବିକାଶ,ବଜେଟ୍ ଆବଣ୍ଟନ, ଗତ ତିନି ବର୍ଷ ମଧ୍ୟରେ ରାୟଗଡା ଜିଲ୍ଲାର ବନ ବିଭାଗକୁ ଅର୍ଥ ଆବଣ୍ଟନ କ'ଣ ହୋଇଛି ଏବଂ ଜଙ୍ଗଲ ସଂରକ୍ଷଣ ପ୍ରକଳ୍ପର ଉନ୍ନତି ପାଇଁ ଏହାକୁ ବୃଦ୍ଧି କରିବାର କଣ ସବୁ ଯୋଜନା କରିବାକୁ ସ୍ଥିର କରିଛନ୍ତି, ଜୈବ ବିବିଧତା ସଂରକ୍ଷଣ, ବନ ବିଭାଗର କର୍ମଚାରୀ ନିଯୁକ୍ତି ଏ ସବୁ ଦିଗରେ କଣ ପଦେକ୍ଷେପ ଗ୍ରହଣ କରିଛନ୍ତି ଆଉ କଣ ପ୍ରସ୍ତାବିତ ପଦକ୍ଷେପ ନେବା ପାଇଁ ଯୋଜନା କରୁଛନ୍ତି ସବିଶେଷ ତଥ୍ୟ ପ୍ରଦାନ କରିବେ କି ଓ ମୁନିଗୁଡା ଫରେଷ୍ଟ ରେଞ୍ଜ ର ବିଷମକଟକ, ମୁନିଗୁଡା, ଅମ୍ବାଦଳା, ଚନ୍ଦ୍ରପୁର ଅଞ୍ଚଳ ମଧ୍ୟରେ ଚାରା ରୋପଣ ରେ ଦୁର୍ନୀତିର ଭିଜିଲାନ୍ସ ଏବଂ ଲୋକାଯୁକ୍ତ ତଦନ୍ତ ର ସବିଶେଷ ତଥ୍ୟ ପ୍ରଦାନ କରିବେ କି, ଦୋଷୀ ଙ୍କ ବିରୁଦ୍ଧରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା?

----

## ପ୍ରାଥମିକ ବିଦ୍ୟାଳୟର ରକ୍ଷଣା ବେକ୍ଷଣ

61 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- **ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚବିଦ୍ୟାଳୟ ର ରକ୍ଷଣାବେକ୍ଷଣ ଦାୟିତ୍ୱ ପଞ୍ଚାୟତରାଜ ବିଭାଗ କୁ ହସ୍ତାନ୍ତର ହେବାପରେ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେଉଁ ବ୍ଲକର କେତେଗୋଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚବିଦ୍ୟାଳୟର ଚତୁଃପାର୍ଶ୍ୱ ପ୍ରାଚୀର ଓ ଫାଟକ ବ୍ୟବସ୍ଥା ହୋଇନାହିଁ ପ୍ରକାଶ କରି ଛାତ୍ରଛାତ୍ରୀଙ୍କ ନିରାପତ୍ତା ଦୃଷ୍ଟିରୁ ଏହା ନିର୍ମାଣ ପାଇଁ ସ୍ୱତନ୍ତ୍ର ପାଣ୍ଠି ବ୍ୟବସ୍ଥା କରିବେ କି ?**

----

## ପାଇପ ଯୋଗେ ପାନୀୟ ଜଳ ଯୋଗାଣ

62 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଅଦ୍ୟାବଧି ମୟୁରଭଞ୍ଜ ଜିଲ୍ଲାର କେତେଗୋଟି ଗ୍ରାମକୁ କେତୋଟି ଗ୍ରାମ୍ୟ ପାଇପ ଜଳ ଯୋଗାଣ ପ୍ରକଳ୍ପ ମାଧ୍ୟମରେ ଜଳଯୋଗାଣ ହୋଇଥିବାବେଳେ କେତୋଟି ପ୍ରକଳ୍ପ ନିର୍ମାଣାଧୀନ ଓ ପ୍ରସ୍ତାବାଧୀନ ଅଛି,ତାହାର ବ୍ଲକ ୱାରୀ ଏକ ବିବରଣୀ ଦେବାସହ, କେତୋଟି Production Well କାର୍ଯ୍ୟକ୍ଷମ ହୋଇଛି, କେତୋଟି କାର୍ଯ୍ୟକ୍ଷମ ହୋଇନାହିଁ, ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ କରି ଜଳଯୋଗାଣ ତ୍ୱରାନ୍ୱିତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ପଞ୍ଚାୟତର କଲ୍ୟାଣ ମଣ୍ଡପ ନିର୍ମାଣ

63 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡ଼ିଶାର କେଉଁ ବ୍ଲକର କେଉଁ ପଞ୍ଚାୟତର କେଉଁ ଗ୍ରାମରେ କଲ୍ୟାଣ ମଣ୍ଡପ ନିର୍ମିତ ହୋଇଛି, ନିର୍ମାଣାଧୀନ ଅଛି, ତାହାର ତାଲିକା ଦର୍ଶାଇ ନିର୍ମିତ କଲ୍ୟାଣ ମଣ୍ଡପର ଭଡା ବାବଦରେ ବିଗତ ପାଞ୍ଚ ବର୍ଷରେ କେତେ ଆୟ ହୋଇଛି, ତାହାର କଲ୍ୟାଣ ମଣ୍ଡପୱାରୀ ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ଯୋଗାଣ

64 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଡ଼ମ୍ବା ନିର୍ବାଚନ ମଣ୍ଡଳୀର ବଡ଼ମ୍ବା ବ୍ଲକ ଏବଂ ନରସିଂହପୁର ବ୍ଲକର କେଉଁ ଗ୍ରାମ ପଞ୍ଚାୟତରେ କେତେ ପରିବାର ପକ୍କା ଗୃହ ଆବେଦନ କରି ପ୍ରତୀକ୍ଷାରେ ଅଛନ୍ତି, ଏବଂ କେବେ ସୁଧା ନୂତନ ହିତାଧିକାରୀ ଚୟନ ପ୍ରକ୍ରିୟା କରାଯିବ, ଏବଂ ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ଯୋଗାଇଦେବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଯନ୍ତ୍ରୀ ପଦବୀ ପୂରଣ

65 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଜଗତସିଂହପୁର ଜିଲ୍ଲାରେ କେତେ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ପଦବୀ କେଉଁ କେଉଁ ଉପଖଣ୍ଡରେ ଖାଲି ରହିଅଛି, ସେହି ପଦବୀ ଗୁଡ଼ିକ କେବେ ପୂରଣ କରାଯିବ ?

----

## ଖର୍ଚ୍ଚ ହୋଇଥିବା ଅନୁଦାନ ରାଶିର ପରିମାଣ

66 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ୨୦୨୪ - ୨୫ ଆର୍ଥିକ ବର୍ଷରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ କେଉଁ Block ରେ କେତେ ଅନୁଦାନ ରାଶି ଖର୍ଚ୍ଚ ହୋଇଅଛି, ପ୍ରଶାସନିକ ଅନୁମୋଦନ ପାଇଥିବା, ବିଭିନ୍ନ ପ୍ରକଳ୍ପ ଗୁଡ଼ିକ କାମ ନହେବାର କାରଣ କଣ ?

----

## Rural Housing ଯୋଜନାରେ ଗୃହ ଯୋଗାଣ

67 **ଶ୍ରୀ ନବ କିଶୋର ମଲ୍ଲିକ (ଜୟଦେବ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଜୟଦେବ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିପାଟଣା ଏବଂ ବାଲିଅନ୍ତା ବ୍ଲକରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସହାୟତାରେ Rural Housing ଯୋଜନାରେ ଗ୍ରାମୀଣ ଲୋକଙ୍କୁ 2017 ରୁ 2024 ମଧ୍ୟରେ କେତେ ଘର ମଞ୍ଜୁର ହୋଇଛି, ସେଥିମଧ୍ୟରୁ କେତେ ଘର କାର୍ଯ୍ୟାଦେଶ ଦିଆଯାଇଛି ଏବଂ କେତେ ଘର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ କେତେ ଘର କାର୍ଯ୍ୟ ଆରମ୍ଭ ହୋଇନାହିଁ ଏବଂ କେତେ ଘର target ଫେରସ୍ତ ହୋଇଛି, ତାହାର ଏକ ବିସ୍ତୃତ ବିବରଣୀ ଦେବା ସହ ଯେଉଁ ଯୋଗ୍ୟ ହିତାଧିକାରୀ ଘର ପାଇବାରୁ ବଞ୍ଚିତ ଅଛନ୍ତି ସେମାନଙ୍କ ପାଇଁ ସରକାର କଣ ବ୍ୟବସ୍ଥା କରିଛନ୍ତି ?

----

## ମେଗା ପାଇପ ଦ୍ୱାରା ପାନୀୟ ଜଳ ଯୋଗାଣ

68 **ଶ୍ରୀ ନବ କିଶୋର ମଲ୍ଲିକ (ଜୟଦେବ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଜୟଦେବ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିପାଟଣା ବ୍ଲକରେ ୨ଟି ପଞ୍ଚାୟତ ଯଥା ଗାରେଡିପାଞ୍ଚଣ ଓ ଅଠାନ୍ତର, ବାଲିଅନ୍ତା ବ୍ଲକର ଝିଣ୍ଟିଶାସନ ପଞ୍ଚାୟତର ୨ଟି Ward ଯଥା ତେରବାଟିଆ ଓ ନବାଟିଆ ଏବଂ ବାଲିପାଟଣା ବ୍ଲକର ମୁକୁନ୍ଦଦାସପୁର ଗ୍ରାମପଞ୍ଚାୟତର ୧ଟି Ward ଯଥା - ପୁଠଲପାଳ ପାଟଣା ଭାର୍ଗବୀ ନଦୀର ଆରପଟ ନଦୀ ସେତୁ ନଥିବାରୁ ସେହି ସ୍ଥାନକୁ ମେଗା ଜଳ ପ୍ରକଳ୍ପ ପାଇପ ଲାଇନ ସଂଯୋଗୀକରଣ ପ୍ରସ୍ତାବ ନଥିଲା ବର୍ତ୍ତମାନ ନଦୀରେ ସେତୁ ନିର୍ମାଣ ଦ୍ରୁତ ଗତିରେ ଚାଲୁଅଛି ଏହି ସେତୁ ବାଟ ଦେଇ ମେଗା ପ୍ରକଳ୍ପ ପାଇପ ଲାଇନ ସଂଯୋଗ ପାଇଁ ପଦକ୍ଷେପ ନେବେ କି ?

----

## ବିକାଶ ମୂଳକ କାର୍ଯ୍ୟ ପାଇଁ ଅର୍ଥ ପ୍ରଦାନ

୬୨ **ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମୟୁରଭଞ୍ଜ ଜିଲ୍ଲାର ବିଭିନ୍ନ ପଞ୍ଚାୟତକୁ ବିକାଶମୂଳକ କାର୍ଯ୍ୟ ପାଇଁ ବିଗତ ୫ ବର୍ଷ ମଧ୍ୟରେ କେତେ ଟଙ୍କା ପ୍ରଦାନ କରାଯାଇଛି, ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆବଶ୍ୟକ ଟଙ୍କା ପ୍ରଦାନ କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

## ପଞ୍ଚାୟତ ରାସ୍ତା ନିର୍ମାଣ

70 **ଶ୍ରୀ ଅଶୋକ ମହାନ୍ତି (ପାଲଲହଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପାଲଲହଡା ବ୍ଲକ, ପାଉଡିଭୁୟାଁ, ଅଧ୍ୟୁଷିତ, ଆଦିବାସୀ ବହୁଳ, ନଜରା ଓ ବରଡହ ସମେତ ୫ ଟି ପଞ୍ଚାୟତ ରାସ୍ତା ନିର୍ମାଣ ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେବେ କି, ବର୍ତ୍ତମାନ ସୁଧା ୯୦ ଭାଗ ଗ୍ରାମରେ ରାସ୍ତା ନିର୍ମାଣ ହୋଇନାହିଁ ?

----

## ପାନୀୟ ଜଳ ଯୋଗାଣ

71 **ଶ୍ରୀ ଅଶୋକ ମହାନ୍ତି (ପାଲଲହଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପାଲଲହଡା ବ୍ଲକ, ପାଉଡିଭୁୟାଁ ଅନ୍ତର୍ଗତ 5 ଟି ପଞ୍ଚାୟତରେ ପାଇପଯୋଗେ ପାନୀୟ ଜଳ ବ୍ୟବସ୍ଥା ପହଞ୍ଚି ପାରିନାହିଁ, ବିକଳ୍ପ ଭାବରେ ଗ୍ରାମରେ ନଳକୂପ ଖନନ କରି ପାନୀୟ ଜଳ ଯୋଗାଇବାର ବ୍ୟବସ୍ଥା କରିବେ କି ?

----

## ହାତୀ ମୃତ୍ୟୁର ନିରାକରଣ

72 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ଦଶ ବର୍ଷରେ ଓଡିଶାରେ ବିଭିନ୍ନ ଫରେଷ୍ଟ ଡିଭିଜନରେ କେତେ ହାତୀ ମୃତ୍ୟୁବରଣ କରିଛନ୍ତି ଏହାର ଏକ ଡିଭିଜନ ୱାରୀ ତାଲିକା ପ୍ରଦାନ କରିବେ କି, ଏହିସବୁ ମୃତ୍ୟୁର କାରଣ କ'ଣ ଏବଂ ଏହାର ନିରାକରଣ ପାଇଁ ସରକାର କ'ଣ ପଦକ୍ଷେପ ନେଇଛନ୍ତି ?

----

## ଆସିକାକୁ ମ୍ୟୁନିସିପାଲିଟି ସୁବିଧା ସୁଯୋଗ

73 **ଶ୍ରୀ ସରୋଜ କୁମାର ପାଢ଼ି (ଆସ୍କା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଗତ ସରକାର ସମୟରେ ଆସିକାକୁ ମ୍ୟୁନିସପାଲିଟି ରୂପେ ଘୋଷଣା କରିଛନ୍ତି, ଏହା ମଧ୍ୟରେ ଆସିକାକୁ ମ୍ୟୁନିସପାଲିଟିର କୌଣସି ସୁବିଧା ସୁଯୋଗ ଦିଆଯାଇନାହିଁ, ଏହା ମଧ୍ୟରେ H & UD Department Letter No.6125, dt.13.03.2024 ରିଖ ପ୍ରକାରେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦର ପତ୍ର ନଂ 1542 ତା.2୪.0୬.2024 ରିଖ ଉକ୍ତ ପତ୍ରର ଉତ୍ତର ପ୍ରଦାନ କରାଯାଇଛି, ମ୍ୟୁନିସିପାଲିଟି ଆସିକାର ସୀମା ନିର୍ଦ୍ଧାରଣ କରି ଆସିକାକୁ ମ୍ୟୁନିସିପାଲିଟିର ସୁବିଧା ଓ ସୁଯୋଗ ପ୍ରଦାନ ନିମନ୍ତେ ବ୍ୟବସ୍ଥା କରିବେ କି ?

----

## ଆବେଦନକାରୀଙ୍କୁ ତୁରନ୍ତ ଘର ହସ୍ତାନ୍ତର

74 **ଶ୍ରୀ ସରୋଜ କୁମାର ପାଢି (ଆସ୍କା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବ୍ରହ୍ମପୁର ଆଞ୍ଚଳିକ ଉନ୍ନୟନ ପରିଷଦ ଦ୍ୱାରା ଆମ୍ବପୁଆ ନିକଟରେ ଘର ଦେବାପାଇଁ ଆବେଦନକାରୀ ମାନଙ୍କ ଠାରୁ ଟଙ୍କା ସଂଗ୍ରହ କରିଥିଲେ ମଧ୍ୟ ଘର କରି ହସ୍ତାନ୍ତର କରିନାହାନ୍ତି, ଏହା ମଧ୍ୟରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଆବେଦନକାରୀ ମାନଙ୍କୁ ତୁରନ୍ତ ଘର ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ, ଏହା କେତେଦିନ ମଧ୍ୟରେ ଆବେଦନକାରୀ ମାନଙ୍କୁ ଘର ହସ୍ତାନ୍ତର କରିବେ ଜଣାଇବେ କି ?

----

## ଆମ ଓଡିଶା ନବୀନ ଓଡିଶା ଅର୍ଥ ମଞ୍ଜୁର

75 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବାସୁଦେବପୁର ନିର୍ବାଚନ ମଣ୍ଡଳୀରେ ଆମ ଓଡିଶା ନବୀନ ଓଡିଶା (AONO) ଯୋଜନାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ସଂସ୍କୃତିର ପରିକ୍ରମା ପ୍ରକଳ୍ପରେ ସର୍ବମୋଟ କେତେ ଟଙ୍କା ମଞ୍ଜୁର ପଞ୍ଚାୟତୱାରୀ କରାଯାଇଥିଲା ଏବଂ କେଉଁ କେଉଁ ପଞ୍ଚାୟତକୁ କାହାଦ୍ୱାରା ଅର୍ଥ ବଣ୍ଟାଯାଇଥିଲା ତାହାର ସମସ୍ତ ତଥ୍ୟ ପ୍ରଦାନ କରିବେ କି?

----

## ପାନୀୟ ଜଳ ଯୋଗାଣରେ ବାଧାପ୍ରାପ୍ତ

76 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର ଅଧିକାଂଶ ସ୍ଥାନରେ ଗ୍ରାମୀଣ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ପମ୍ପ, ଷ୍ଟାଟର, କେବୁଲ ଚୋରୀ ଯୋଗୁଁ ବାଧା ପ୍ରାପ୍ତ ହୋଇଛି, ଧର୍ମଗଡ଼ ଉପଖଣ୍ଡର ପ୍ରାୟ ୬୦ ଟି ଗ୍ରାମାଞ୍ଚଳରେ ବର୍ତମାନ ପାନୀୟ ଜଳ ପାଇଁ ଜନସାଧାରଣ ହନ୍ତ ସନ୍ତ ହେଉଛନ୍ତି, ପୋଲିସ ବିଭାଗରେ ଅଭିଯୋଗ ସତ୍ତ୍ୱେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଅଭାବରୁ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଛି, ଗ୍ରୀଷ୍ମ ଋତୁ ପୂର୍ବରୁ ଏହାର ସମାଧାନ ପାଇଁ ରାଜ୍ୟ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ପିଇବା ପାଣି ବ୍ୟବସ୍ଥା

77 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଅବିଭକ୍ତ କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ରାୟଗଡା ଜିଲ୍ଲା ମାନଙ୍କରେ ପାହାଡ ପର୍ବତ ଓ ଝରଣା ଥିଲେ ସୁଦ୍ଧା ବହୁ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀମାନେ ପିଇବା ପାଣି ପାଇବାକୁ ବଞ୍ଚିତ ହେଉଥିବା ସତ୍ୟ କି ଓ ଏଥିପାଇଁ ପୂର୍ବ ସରକାର କେତେଟଙ୍କା ମଞ୍ଜୁର କରିଥିଲେ ଓ କେଉଁ କେଉଁ ଜିଲ୍ଲାରେ ପିଇବା ପାଣି ଯୋଗାଇବା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ତା'ର ଏକ ତାଲିକା ପ୍ରଦାନ କରିବେ କି ?

----

## Forest Land ରେ ଅନିୟମିତତା ଯୋଗୁଁ ରାଜସ୍ୱ ହ୍ରାସ

78 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେଉଁ କେଉଁ Indian Forest Service ର ଅଧିକାରୀ ମାନଙ୍କୁ Directorate of Mines ରେ Director ପଦବୀରେ ଆଜକୁ 12 ବର୍ଷରୁ ଅଧିକ ସମୟ କ୍ରମାଗତ ଭାବେ ନିଯୁକ୍ତି ଦେଇ ମଧ୍ୟ Forest Land ରେ ହଁ ଅନିୟମିତତା ଯୋଗୁଁ ରାଜ୍ୟ ବହୁ ରାଜସ୍ୱ ହରାଇଥିବା ସରକାରଙ୍କର ନଜରରେ ଅଛି କି, ଉତ୍ତର 'ହଁ' ହେଲେ ଯେଉଁ ଅଧିକାରୀ ମାନଙ୍କ ନିଯୁକ୍ତି ସମୟରେ ଯେତେସବୁ ରାଜସ୍ୱ ରାଜ୍ୟ ହରାଇଛି ଜଣାଇବେ କି ?

----

## ମୁଖ୍ୟଯନ୍ତ୍ରୀ ପଦବୀ ପୂରଣ

79 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ମଂଞ୍ଜୁରୀପ୍ରାପ୍ତ ସର୍ବୋଚ୍ଚ ମୁଖ୍ୟଯନ୍ତ୍ରୀ, ମୁଖ୍ୟଯନ୍ତ୍ରୀ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ପଦବୀରୁ କେତେ ପଦବୀ ଖାଲିଅଛି ଓ ଏହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ସରକାରୀ ଉଦ୍ୟୋଗରେ ପଦବୀ ପୂରଣ

80 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ ସରକାରୀ ଉଦ୍ୟୋଗରେ ମଞ୍ଜୁରୀପ୍ରାପ୍ତ କେଉଁ ବର୍ଗର କେତେଗୋଟି ପଦବୀରୁ କେତେ ପଦବୀ ଖାଲିଅଛି ଓ ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଚିକିତ୍ସିତ ହୋଇଥିବା ରୋଗୀଙ୍କ ତାଲିକା

୫୧ **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)ଃ**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କଟକ ଜିଲ୍ଲାରେ ସ୍ଥାପିତ କେଉଁ କର୍ମଚାରୀ ରାଜ୍ୟବୀମା ଚିକିତ୍ସାଳୟରେ ବିଗତ ତିନି ବର୍ଷରେ କେତେଜଣ ଅନ୍ତବିଭାଗୀୟ ଓ ବହିଃବିଭାଗୀୟ ରୋଗୀ ଚିକିତ୍ସିତ ହୋଇଛନ୍ତି ତାହାର ଡାକ୍ତରଖାନାୱାରୀ ତାଲିକା ଦର୍ଶାଇ ଏହାର ସ୍ୱାସ୍ଥ୍ୟସେବା ଭିତ୍ତିଭୂମୀ ଉନ୍ନୟନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ବିଭିନ୍ନ ଯନ୍ତ୍ରୀ ପଦବୀ ପୂରଣ

୫୨ **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ଅଧୀନରେ ମଂଜୁରୀପ୍ରାପ୍ତ ସର୍ବୋଚ୍ଚ ମୁଖ୍ୟଯନ୍ତ୍ରୀ, ମୁଖ୍ୟଯନ୍ତ୍ରୀ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ପଦବୀରୁ କେତେ ପଦବୀ ଖାଲିଅଛି ଓ ଏହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ରାସ୍ତା ପାର୍ଶ୍ୱ ବନୀକରଣର ବିବରଣୀ

୫୩ **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)ଃ**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରେ ଚଳିତ ବର୍ଷ ପଥପାର୍ଶ୍ୱ ବନୀକରଣ ଯୋଜନାରେ କେଉଁ କେଉଁ ରାସ୍ତା ପାର୍ଶ୍ୱ ବନୀକରଣ କରାଯାଇଛି ?

----

## ଶ୍ରେଣୀ ଗୃହ ନିର୍ମାଣ ପାଇଁ ପାଣ୍ଠିର ବ୍ୟବସ୍ଥା

୫୪ **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

----

## ଜଳେଶ୍ୱର ବ୍ଲକରେ ପୋଲ ନିର୍ମାଣ

୫୫ **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର)ଃ**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଅତୀତର ବ୍ୟବସ୍ଥା ଅନୁଯାୟୀ ଚଳିତ ବର୍ଷ ଜଳେଶ୍ୱର ବ୍ଲକରେ ଛୋଟ ନଦୀ, ନାଳ ଗୁଡିକରେ ପୋଲ ନିର୍ମାଣ ସକାଶେ କେତୋଟି ଓ କେଉଁଠାରେ ପ୍ରସ୍ତାବ ରହିଛି ସେ ଅନୁସାରେ ସରକାରଙ୍କର ନୀତିଗତ ନିଷ୍ପତ୍ତି କ'ଣ?

----

## ସଡକ ପଥର ସଂଖ୍ୟା

୫୬ **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଳେଶ୍ୱର ବ୍ଲକ ଅଞ୍ଚଳରେ ଆନ୍ତରାଜ୍ୟ ସଡକ ଯୋଗାଯୋଗ ପାଇଁ କେତୋଟି ସଡକପଥ କେଉଁ ଅବସ୍ଥାରେ ଅଛି ଏଥିରୁ ପଶ୍ଚିମବଙ୍ଗ ରାଜ୍ୟ ପୂର୍ବ/ ପଶ୍ଚିମ ମେଦିନୀପୁର ଜିଲ୍ଲାକୁ ସଂଯୋଗ କରୁଥିବା ତଥା ଝାଡଗ୍ରାମ ଜିଲ୍ଲା ସହିତ ଯୋଗାଯୋଗ କରିବା ସକାଶେ ସଡକ ପଥର ସଂଖ୍ୟା କେତେ ; ଦୁଇ ରାଜ୍ୟର ଜନସାଧାରଣଙ୍କ ଯାତାୟାତର ସୁବିଧା ପାଇଁ ସରକାର କେଉଁ ପ୍ରକାର ଧ୍ୟାନ ଦେବେ ଓ Plan Programme କଣ?

----

## ସୁବର୍ଣ୍ଣରେଖା ନଦୀରୁ ଜଳ ଉତ୍ତୋଳନ କରି ଜଳ ଯୋଗାଣ

87 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଳେଶ୍ୱର ସହରର ପିଇବା ପାଣି ସମସ୍ୟା ସ୍ଥାୟୀ ସମାଧାନ ପାଇଁ ଓ ଭବିଷ୍ୟତକୁ ଲକ୍ଷ୍ୟରଖି ସୁବର୍ଣ୍ଣରେଖା ନଦୀରୁ ଜଳ ଉତ୍ତୋଳନ କରାଯାଇ ସମଗ୍ର ସହରର ସବୁ ୱାର୍ଡକୁ ଶୁଦ୍ଧ ପାନୀୟ ଜଳ ଖାଉଟୀଙ୍କୁ ଯୋଗାଣ ନିମନ୍ତେ Master Plan କେଉଁ Consultant କେବେ ଦେଇଥିଲେ ସେ ଅନୁସାରେ ବର୍ତ୍ତମାନ status କ'ଣ ; ସବିଶେଷ Plan, Design ଏଥିଲାଗି ହୋଇ ତାହା Technical, Administrative approval ହେଲାଣିକି ; ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି?

----

## ବିଜୁ ସ୍ମୃତି ସଦନ ନିର୍ମାଣ

88 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଳେଶ୍ୱର ମ୍ୟୁନିସିପାଲିଟି ମଧ୍ୟରେ ବିଜୁ ସ୍ମୃତି ସଦନ ନିର୍ମାଣ ନିମନ୍ତେ ସରକାରଙ୍କ ସଂସ୍କୃତି ବିଭାଗ ଓ ବାଲେଶ୍ୱର BRIT କେତେ ଅର୍ଥ ମ୍ୟୁନିସିପାଲିଟିକୁ ଦେଇଥିଲେ ; ଜିଲ୍ଲାପାଳ, ବାଲେଶ୍ୱରଙ୍କ ଅନୁମୋଦନରେ ଟେଣ୍ଡର ପ୍ରକ୍ରୀୟା ତାଙ୍କ ନିର୍ଦ୍ଦେଶ ଥିଲା ବେଳେ ତାହା ବିଳମ୍ବର କାରଣ କ'ଣ ଏବଂ କେତେ ଶୀଘ୍ର ଟେଣ୍ଡର ଆହ୍ୱାନ କରାଯାଇ କାର୍ଯ୍ୟ ଆରମ୍ଭ ହେବ ସେଥିଲାଗି ସରକାର କର୍ତ୍ତୃପକ୍ଷଙ୍କୁ କ'ଣ ନିର୍ଦ୍ଦେଶ ଦେବେ?

----

## ଫଇସଲା ନହୋଇ ପଡିରହିଥିବା ଦରଖାସ୍ତର ବିବରଣୀ

୫୨ **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) କେନ୍ଦ୍ରାପଡା ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଶ୍ରମିକମାନଙ୍କର ମୃତ୍ୟୁଜନିତ ସହାୟତା, ଝିଅ ବିଭାଘର ନିମନ୍ତେ ସହାୟତା ଓ ଶିକ୍ଷା ସହାୟତା ନିମନ୍ତେ କେତେ ସଂଖ୍ୟକ ଦରଖାସ୍ତ ଫଇସଲା ନହୋଇ ପଡିରହିଛି ତାର ଏକ ବିବରଣୀ ଦେବେ କି ; (ଖ) କେଉଁ କାରଣ ପାଇଁ କର୍ମଚାରୀଙ୍କ ଆବେଦନ ପଡିରହିଛି ତାର ଅନୁସନ୍ଧାନ ସହ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେଗୁଡିକର ଫଇସଲା କରାଯିବ କହିବେ କି?

----

## ଅର୍ଥ କମିଶନ ସହାୟତା ନିମନ୍ତେ ନିୟମାବଳୀ

୨୦ **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ବିଭିନ୍ନ ପଞ୍ଚାୟତ ସମିତିକୁ ମିଳୁଥିବା ଅର୍ଥ କମିଶନ ସହାୟତା (GIA) ନିମନ୍ତେ ପ୍ରକଳ୍ପ ପ୍ରସ୍ତୁତି ଓ ଅନୁମୋଦନ ନିମନ୍ତେ ବିଭାଗ ତରଫରୁ କୌଣସି ନିୟମାବଳୀ ଜାରି ହୋଇଛି କି ; ଯଦି ହଁ ତେବେ ତାର ସବିଶେଷ ବିବରଣୀ ଉପସ୍ଥାପନ କରିବେ କି?

----

## ଡ୍ରେନେଜ ନିର୍ମାଣ

୨୧ **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେନ୍ଦ୍ରାପଡା ମ୍ୟୁନିସିପାଲିଟିରେ ଜଳ ନିଷ୍କାସନ ସମସ୍ୟା ଉତ୍କଟ ଥିବା ସରକାର ଅବଗତ କି ; ଯଦି 'ହଁ' ତେବେ ଏହି ସର୍ବ ପ୍ରାଚୀନ ପୌରାଞ୍ଚଳରେ ଡ୍ରେନେଜ ନିର୍ମାଣ ନିମିତ୍ତ ଅଗ୍ରାଧିକାର ଭିତ୍ତିରେ ବିଚାର କରିବେ କି?

----

## ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ପ୍ରକଳ୍ପ ନିର୍ମାଣ

୨୨ **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ବ୍ଲକରେ କେଉଁ କେଉଁ ପ୍ରକଳ୍ପମାନ କେତେ କେତେ ଟଙ୍କା ବ୍ୟୟରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଗତ 2019-20 ଠାରୁ 2024-25 ସୁଦ୍ଧା ନିର୍ମାଣ କରାଯାଇଛି?

----

## ୱାର୍କ ଚାର୍ଜଡ୍ କର୍ମଚାରୀମାନଙ୍କୁ ପେନସନ୍ ପ୍ରଦାନ

୨୩ **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନଭେମ୍ବର ୬ ନିର୍ଦ୍ଦେଶ ଅନୁସାରେ ପ୍ରତ୍ୟେକ ୱାର୍କ ଚାର୍ଜଡ୍ କର୍ମଚାରୀମାନଙ୍କୁ ପେନସନ୍ ପାଇବା ନିମିତ୍ତ ହକଦାର ଦୃଷ୍ଟିରୁ ପୌର ବିଭାଗ ଅଧିନରେ ଚାକିରୀ କରି ୱାର୍କ ଚାର୍ଜଡ୍ କର୍ମଚାରୀ ଓ ଅବସର ଗ୍ରହଣ କରିଥିବା ୱାର୍କ ଚାର୍ଜଡ୍ କର୍ମଚାରୀମାନଙ୍କୁ ପେନସନ୍ ଦେବା ନିମିତ୍ତ କି ପଦକ୍ଷେପ ନେଉଛନ୍ତି ଅବଗତ କରିବେ କି ?

----

## ଜଳ ନିଷ୍କାସନ ସମସ୍ୟା ସମାଧାନ

୨୪ **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିରେ ଦିର୍ଘ ବର୍ଷ ଧରି ଲାଗି ରହିଥିବା ଜଳ ନିଷ୍କାସନ ସମସ୍ୟା ଦୂର କରିବା ପାଇଁ ସରକାର କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି, ଏଦିଗରେ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରି ସବୁଦିନ ପାଇଁ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିର ଜଳ ନିଷ୍କାସନ ସମସ୍ୟା ସମାଧାନ କରିବେ କି ?

----

## Eco Sensitive Zone ମଧ୍ୟରୁ ଗ୍ରାମ ଗୁଡିକୁ ବାଦ୍ ଦେବା ସମ୍ପର୍କରେ

୨5 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭିତରକନିକା ଅଭୟାରଣ୍ୟ, ଭିତରକନିକା ଯାତୀୟ ଉଦ୍ୟାନ ଓ ଗହୀର ମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ Eco Sensitive Zone ଘୋଷଣା କାର୍ଯ୍ୟ କେଉଁ ସ୍ଥିତିରେ ଅଛି, ଏହି Eco Sensitive Zone ମଧ୍ୟରୁ ଆଳି, ଚାନ୍ଦବାଲି, ରାଜନଗର ଓ ମହାକଳାପଡା ନିର୍ବାଚନ ମଣ୍ଡଳୀର ୨୦୫ ଗୋଟି ଜନ ବହୁଳ ଗ୍ରାମ ଗୁଡିକୁ ବାଦ୍ ଦେବା ପାଇଁ ସ୍ଥାନୀୟ ଜନସାଧାରଣ ଦେଇଥିବା ଆପତ୍ତି ଓ ଅଭିଯୋଗର ବିଚାର ସରକାର କ'ଣ କରିଛନ୍ତି ଜଣାଇବେ କି ?

----

## State Labour Institute ର ସ୍ଥିତି

୨6 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- State Labour Institute ର ବର୍ତ୍ତମାନର ସ୍ଥିତି କ'ଣ, ଏହି ସଂସ୍ଥାରେ କେତେ ଜଣ କର୍ମଚାରୀ କେଉଁ କେଉଁ ପଦବୀରେ କାମ କରୁଅଛନ୍ତି, ଏହି ଅନୁଷ୍ଠାନ କେଉଁ ଉଦ୍ଦେଶ୍ୟ ରଖି ଗଠନ କରାଯାଇଥିଲା, ଆଜି ପର୍ଯ୍ୟନ୍ତ ଏହି ଅନୁଷ୍ଠାନ ଏହାର ଲକ୍ଷ୍ୟ ହାସଲ ଦିଗରେ କେତେ ସଫଳ ହୋଇ ପାରିଛି, ରାଜ୍ୟରେ କାର୍ଯ୍ୟରତ ଲକ୍ଷ ଲକ୍ଷ ଶ୍ରମିକ ମାନଙ୍କ କଲ୍ୟାଣକୁ ଏହି Institute କୁ ଏକ Center of Excellence ରେ ପରିଣତ କରିବା ପାଇଁ ବ୍ୟବସ୍ଥା କରିବେ କି ?

----

## ସେତୁ ନିର୍ମାଣ ପାଇଁ ଲକ୍ଷ୍ୟ

97 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଚଳିତ ଆର୍ଥୀକ ବର୍ଷରେ କେତେ ସେତୁ ନିର୍ମାଣ କରିବାର ଲକ୍ଷ୍ୟ ରଖାଯାଇଛି ଓ ସେଥିପାଇଁ କେତେ ଆର୍ଥୀକ ବ୍ୟୟ ବରାଦ କରାଯାଇଛି, ସେଥିମଧ୍ୟରୁ ଚଳିତ ମାସ ସୁଦ୍ଧା କେତେ ସେତୁ ପାଇଁ Tender ପ୍ରକ୍ରିୟା ସମାପ୍ତ ହୋଇ Agreement ହୋଇସାରିଛି, ରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶ୍ରୀରାମପୁର - ମହାସାହାଣୀ ସେତୁ ନିର୍ମାଣ କାର୍ଯ୍ୟ କେଉଁ ସ୍ଥିତିରେ ଅଛି, ଚଳିତ ୨୦୨୪-୨୫ ବର୍ଷରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାପାଇଁ କୌଣସି ଯୋଜନା କରିବାକୁ ନିଷ୍ପତ୍ତି ନେବେ କି ?

----

## କାର୍ଯ୍ୟକ୍ଷମ ଥିବା ସାଧାରଣ ଉଦ୍ୟୋଗର ସଂଖ୍ୟା

୨୮ **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେତେ ସାଧାରଣ ଉଦ୍ୟୋଗ କାର୍ଯ୍ୟକ୍ଷମ ହେଉଅଛି, ସେଗୁଡିକ ମଧ୍ୟରୁ କେଉଁ କେଉଁ ଉଦ୍ୟୋଗ ବ୍ୟବସାୟିକ ଦୃଷ୍ଟିରୁ ଲାଭରେ ଚାଲୁଅଛି ଓ କେଉଁ ଗୁଡିକ କ୍ଷତିରେ ଚାଲୁଅଛି ଓ କେଉଁ ଗୁଡିକ ବନ୍ଦ ହୋଇପଡିଛି, ବନ୍ଦ ହୋଇ ପଡିଥିବା ଓ କ୍ଷତିରେ ଚାଲୁଥିବା ସାଧାରଣ ଉଦ୍ୟୋଗ ଗୁଡିକରେ ପୁନଃରୁଦ୍ଧାର ପାଇଁ ବା ଲାଭଜନକ ଉଦ୍ୟୋଗରେ ପରିଣତ କରିବା ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି ?

----

## Construction of the Food Court at Barabati Stadium

୨୨ **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (a) Considering the construction of the food court at Barabati Stadium is still ongoing, will the Govt. provide specific reasons for the delay beyond the original completion date of 30th June 2024 and the revised date of 15th September 2024, (b) What is the updated target date for the completion and operational readiness of the food court at Barabati Stadium ?

----

## Construction of the vending zone in the Barabati-Cuttack Constituency

100 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (a) With reference to U.D 2270, Dt: 27.08.2024, what is the current progress in the construction of the vending zone in the Barabati-Cuttack Constituency at the proposed locations, (b) When is the tendering process for the construction of the vending zone expected to commence, and what is the estimated date for the allotment of the vending zones to vendors, and when is the project expected to be fully operational ?

----

## Development of the proposed water bodies

101 **Smt. Sofia Firdous (Barabati-cuttack):**

Will the Minister for **Housing & Urban Development** be pleased to state that:-:- (a) What is the current progress on the development of the proposed water bodies under Ama Pokhari Jojana in Barabati Cuttack, as per the Detailed

Project Report (DPR) prepared by the Cuttack Municipal Corporation (CMC) with reference to U.D 619, dated 30.07.2024, (b) has the DPR been finalized for these water bodies, and if not, what are the specific reasons for the delay and by when is the development of these water bodies expected to be completed, and what factors have contributed to the delays observed in this project ?

----

**Reopening of Biju Patnaik Park**

102 **Smt. Sofia Firdous (Barabati-cuttack):**

Will the Minister for **Housing & Urban Development** be pleased to state that:- :- (a) With reference to reply no. UD1069 dated 20.08.2024, which mentioned that the tentative reopening of Biju Patnaik Park was scheduled for 01.09.2024 but is still incomplete, what is the updated expected timeline for the completion and public opening of the park, along with specific reasons for any further delay in its completion and opening, (b) What is the maintenance plan for Biju Patnaik Park once opened, including the frequency of upkeep activities and the agency designated for regular maintenance?

----

**Progress of the beautification projects for the Ring Road**

103 **Smt. Sofia Firdous (Barabati-cuttack):**

Will the Minister for **Housing & Urban Development** be pleased to state that:- :- (a) What is the current progress of the beautification projects for the Ring Road area in Barabati-Cuttack Constituency, (b) Will the department provide the timeline for the completion of the beautification project along with a copy of the proposal prepared by the Cuttack Municipal Corporation (CMC) and the total budget allocated for this project?

----

**କର୍ମଚାରୀ ରାଜ୍ୟବୀମା ଚିକିତ୍ସାଳୟରେ ପଦବୀ ପୂରଣ**

104 **ଶ୍ରୀ ବିଭୂତି ଭୂଷଣ ବଳବନ୍ତରାୟ (ଜଟଣୀ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଖୋର୍ଦ୍ଧା ଜିଲ୍ଲାର କେଉଁ କର୍ମଚାରୀ ରାଜ୍ୟବୀମା ଚିକିତ୍ସାଳୟରେ ମଞ୍ଜୁରୀପ୍ରାପ୍ତ ବିଶେଷଜ୍ଞ, ଡାକ୍ତର ଓ ଅନ୍ୟ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି, ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଗ୍ରାମମାନଙ୍କରେ ଥିବା ପଞ୍ଚାୟତ ରାସ୍ତା

105 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଜଟଣୀ ନିର୍ବାଚନ ମଣ୍ଡଳୀର ଭୁବନେଶ୍ୱର, ଖୋର୍ଦ୍ଧା ଓ ଜଟଣୀ ବ୍ଲକର କେଉଁ ଗ୍ରାମ ପଞ୍ଚାୟତର କେଉଁ ଗ୍ରାମରେ କେତେ କିଲୋମିଟର ପଞ୍ଚାୟତ ରାସ୍ତା ଥିଲାବେଳେ ତନ୍ମଧ୍ୟରୁ କେତେ କିଲୋମିଟର ରାସ୍ତା କଂକ୍ରିଟ୍, ପେବରବ୍ଲକ ହୋଇଛି ଓ କେତେ କିଲୋମିଟର ରାସ୍ତା ଜରାଜୀର୍ଣ୍ଣ ଅଛି, ଏହାକୁ ପେବର ବ୍ଲକ କରିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ପଞ୍ଜିକୃତ ଶ୍ରମିକଙ୍କ କଲ୍ୟାଣ ପାଇଁ ପଦକ୍ଷେପ

106 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ଃ**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଭୁବନେଶ୍ୱର, ଜଟଣୀ ଓ ଖୋର୍ଦ୍ଧା ସହର ସହିତ ଭୁବନେଶ୍ୱର, ଜଟଣୀ ଓ ଖୋର୍ଦ୍ଧା ବ୍ଲକରେ କେତେ ନିର୍ମାଣ ଶ୍ରମିକ, କୃଷି ଶ୍ରମିକ, ଅନ୍ୟ ବର୍ଗର ଶ୍ରମିକ, ଚିହ୍ନଟ ହୋଇ ପଞ୍ଜିକୃତ ହୋଇଛନ୍ତି, ସେମାନଙ୍କ କଲ୍ୟାଣ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଜବରଦଖଲମୁକ୍ତ କରି ପୁନଃ କାର୍ଯ୍ୟକ୍ଷମ

107 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ଃ**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଖୋର୍ଦ୍ଧା ଜିଲ୍ଲାର କେଉଁଠାରେ ପ୍ରତିଷ୍ଠିତ କେଉଁ ସରକାରୀ ଉଦ୍ୟୋଗ କେବେଠାରୁ ଅଚଳ ଅବସ୍ଥାରେ ଅଛି ଏହାର କୋଠାବାଡି ଓ ଜାଗାର କେତେ ଅଂଶ ଜବରଦଖଲ ହୋଇଛି ଏହାକୁ ଜବରଦଖଲମୁକ୍ତ କରି ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଭରତପୁର ସଂରକ୍ଷିତ ଜଙ୍ଗଲରେ ବନ୍ୟ ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ

108 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ଃ**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଭରତପୁର ସଂରକ୍ଷିତ ଜଙ୍ଗଲର ପରିସୀମା କେତେ ଦର୍ଶାଇ ଏଠାରେ କେଉଁ ପ୍ରଜାତିର କେତେ ବନ୍ୟପ୍ରାଣୀ ରହୁଛନ୍ତି, ଏଠାରେ ବନ୍ୟ ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ ସହ ପର୍ଯ୍ୟଟକମାନଙ୍କୁ ପରିଭ୍ରମଣର ସୁଯୋଗ ଯୋଗାଇ ଦେବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ଅତିରିକ୍ତ ପଂଚାୟତ ଅଧିକାରୀଙ୍କ ଜିଲ୍ଲାୱାରୀ ତାଲିକା

109 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେତୋଟି ପଂଚାୟତରେ ଜଣେ କରି ପଂଚାୟତକାର୍ଯ୍ୟ ନିର୍ବାହୀ ଅଧିକାରୀ ରହିଛନ୍ତି ଓ କେତୋଟି ପଂଚାୟତରେ ଅତିରିକ୍ତ ପଂଚାୟତ ଅଧିକାରୀ ଦାୟୀତ୍ୱ ନିର୍ବାହ କରୁଛନ୍ତି ତାହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେକି, ଗତ 5 ବର୍ଷ ମଧ୍ୟରେ କେତେ ସଂଖ୍ୟକ ପଂଚାୟତ ଅଧିକାରୀଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

----

## ସହରାଞ୍ଚଳରେ ଲୋକଙ୍କୁ ସୁଲଭ ମୂଲ୍ୟରେ ଘର ଯୋଗାଣ

110 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସହରାଞ୍ଚଳରେ ଲୋକଙ୍କୁ ସୁଲଭ ମୂଲ୍ୟରେ ଘର ଯୋଗାଇ ଦେବା ପାଇଁ କେଉଁ କେଉଁ ଯୋଜନା କାର୍ଯ୍ୟକାରୀ ହେଉଛି, ବର୍ତ୍ତମାନସୁଦ୍ଧା କେଉଁ କେଉଁ ପ୍ରକଳ୍ପରେ କେତେ ଘର କେଉଁ କେଉଁ ସହରାଞ୍ଚଳରେ ଯୋଗାଇ ଦିଆଯାଇଛି ଓ ଆଗାମୀ ଦିନରେ କେଉଁ ସହରାଞ୍ଚଳରେ ଲୋକଙ୍କୁ କେତେ ବାସଭବନ ଯୋଗାଇ ଦିଆଯିବାର ଯୋଜନା ରହିଛି ତାହା ଉଲ୍ଲେଖ କରିବେ କି?

----

## ଅଣଜଙ୍ଗଲ କାର୍ଯ୍ୟକ୍ରମ ପାଇଁ କଟାଯାଇଥିବା ଜଙ୍ଗଲର ପରିମାଣ

111 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ 10 ବର୍ଷ ମଧ୍ୟରେ ଅଣଜଙ୍ଗଲ କାର୍ଯ୍ୟକ୍ରମ ପାଇଁ କେତେ ଜଙ୍ଗଲ କଟାଯାଇଛି ଓ ଏହାର ପରିମାଣ କେଉଁ ଜଙ୍ଗଲ ଡିଭିଜନରେ କେତେ ରହିଛି, ଅଣଜଙ୍ଗଲ କାର୍ଯ୍ୟର ବିସ୍ତୃତ ବିବରଣୀ ଦେବା ସହିତ କ୍ଷତିପୂରକ ବନୀକରଣ ଯୋଜନାରେ କେଉଁ ସ୍ଥାନରେ କେତେ ପରିମାଣର ବୃକ୍ଷରୋପଣ ହୋଇଛି ଏହାଦ୍ୱାରା କେତେ ପରିମାଣର ନୂତନ ଜଙ୍ଗଲ ସୃଷ୍ଟି ହୋଇଛି ତାହା ଉଲ୍ଲେଖ କରିବେକି, ଏହି 10ବର୍ଷ ମଧ୍ୟରେ ଝାରସୁଗୁଡା ଜିଲ୍ଲାରେ ଅଣଜଙ୍ଗଲ କାର୍ଯ୍ୟ ପାଇଁ କେତେ ଜଙ୍ଗଲ କଟାଯାଇଛି ?

----

## ମଂଜୁରୀପ୍ରାପ୍ତ ପଦବୀ ସଂଖ୍ୟା

112 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବର୍ତ୍ତମାନ କେତୋଟି ସରକାରୀ ଉଦ୍ୟୋଗ ରହିଛି ଏବଂ ଏଥିରୁ କେତୋଟି ଲାଭରେ ଚାଲିଛି, ଲାଭରେ ଚାଲିଥିବା ସରକାରୀ ଉଦ୍ୟାଗଗୁଡିକରେ ମଂଜୁରୀପ୍ରାପ୍ତ ପଦବୀ ସଂଖ୍ୟା ଓଏଥିରେ କାର୍ଯ୍ୟରତ ଥିବା ନିୟମିତ କର୍ମଚାରୀଙ୍କ ସଂଖ୍ୟା ଉଦ୍ୟୋଗୱାରୀ ଉଲ୍ଲେଖ କରିବେକି; କେଉଁ ଲାଭଜନକ ଉଦ୍ୟୋଗରେ କେତେ ସଂଖ୍ୟକ ଆଉଟସୋର୍ସିଂ କର୍ମଚାରୀ ରହିଛନ୍ତି ?

----

## ଶିଶୁ ଶ୍ରମିକ ଚିହ୍ନଟ ପାଇଁ ସର୍ଭେ

113 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଶେଷ ଥର ପାଇଁ କେବେ ଶିଶୁ ଶ୍ରମିକ ଚିହ୍ନଟ ପାଇଁ ସର୍ଭେ ହୋଇଥିଲା, ସେତେବେଳେ ରାଜ୍ୟରେ କେତେ ସଂଖ୍ୟକ ଶିଶୁ ଶ୍ରମିକ ଥିଲେ ଓ ବର୍ତ୍ତମାନ କେତେ ଅଛନ୍ତି, ଗତ ୫ ବର୍ଷ ମଧ୍ୟରେ ରାଜ୍ୟର କେଉଁ କେଉଁ ଜିଲ୍ଲାରୁ କେତେ ଶିଶୁ ଶ୍ରମିକ ଉଦ୍ଧାର ହୋଇଛନ୍ତି ଏବଂ ଏମାନଙ୍କୁ କାର୍ଯ୍ୟରେ ନିୟୋଜିତ କରିବା ପରେ କେତେଜଣଙ୍କ ବିରୁଦ୍ଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ହୋଇଛି ?

----

## ଶ୍ରମିକ ଚିହ୍ନଟ ପ୍ରକ୍ରିୟା

114 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପୁରୀ ଜିଲ୍ଲାରେ ଶ୍ରମିକ ଚିହ୍ନଟ ପ୍ରକ୍ରିୟା ସଠିକ୍ ଭାବେ ସମ୍ପାଦନ ନହେବା ଯୋଗୁଁ ଶ୍ରମିକମାନଙ୍କ ବାସ୍ତବ ସଂଖ୍ୟା ସ୍ଥିତି ଆକଳନ ହୋଇନଥିବା ଅଭିଯୋଗ ପ୍ରତି ସରକାର ସଚେତନ ଅଛନ୍ତି କି, ଉତ୍ତର 'ହଁ' ହେଲେ ଜିଲ୍ଲାରେ କୃଷି ଶ୍ରମିକ, ନିର୍ମାଣ ଶ୍ରମିକ, କ୍ରସର ଶ୍ରମିକ, କାରଖାନା ଶ୍ରମିକ ଓ ପରିବହନ ଶ୍ରମିକମାନଙ୍କୁ ସର୍ବେକ୍ଷଣ କରି ଚିହ୍ନଟପୂର୍ବକ ସେମାନଙ୍କୁ ପଂଜିକୃତ କରି ସେମାନଙ୍କ ବିବିଧ କଲ୍ୟାଣ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ସରକାରୀ ଉଦ୍ୟୋଗଗୁଡିକୁ ପୁନଃ କାର୍ଯ୍ୟକ୍ଷମ

115 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପୁରୀ ଜିଲ୍ଲାର କେଉଁଠାରେ ସ୍ଥାପିତ କେଉଁ କେଉଁ ସରକାରୀ ଉଦ୍ୟୋଗଗୁଡିକ କେବେଠାରୁ ବନ୍ଦ ଅଛି ଏହାର ଆସବାବପତ୍ର କିପରି ସୁରକ୍ଷିତ ଅଛି, ପ୍ରକାଶ କରି ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ପଂଚାୟତ ନିର୍ବାହୀ ଅଧିକାରୀ ପଦବୀ ପୂରଣ

116 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପୁରୀ ଜିଲ୍ଲାର କେଉଁ ବ୍ଲକର କେଉଁ ଗ୍ରାମ ପଂଚାୟତରେ ପଂଚାୟତ ନିର୍ବାହୀ ଅଧିକାରୀ ପଦବୀ ଖାଲିଅଛି ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ସେତୁର ନିର୍ମାଣଗତ ସ୍ଥିତି

117 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସତ୍ୟବାଦୀ ନିର୍ବାଚନମଣ୍ଡଳୀର ସତ୍ୟବାଦୀ ଓ କଣାସ ବ୍ଲକର କେଉଁ ସେତୁ ପ୍ରକଳ୍ପ ପାଇଁ କେତେ ଅଟକଳ ହୋଇ କେତେ ଅର୍ଥ ମଂଜୁର ହୋଇ କେଉଁ ସେତୁର କେତେ ତାରିଖରେ ଭୂମିପୂଜା ସଂପାଦନ ହୋଇଛି ସେତୁର ବର୍ତ୍ତମାନ ନିର୍ମାଣଗତ ସ୍ଥିତି କଣ ଓ ଏହା କେବେସୁଦ୍ଧା ପୂର୍ଣ୍ଣାଙ୍ଗ କରାଯିବ ?

----

## ଖାଲିଥିବା ଗ୍ରାମ୍ୟ ଜଙ୍ଗଲ ଜମିରେ ବନୀକରଣ

118 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସତ୍ୟବାଦୀ ଓ କଣାସ ବ୍ଲକର କେଉଁ ମୌଜାର ଗ୍ରାମ୍ୟ ଜଙ୍ଗଲରେ ଚଳିତ ବର୍ଷ କେତେ ବୃକ୍ଷରୋପଣ ହୋଇଛି ପ୍ରକାଶ କରି ଖାଲିଥିବା ଗ୍ରାମ୍ୟ ଜଙ୍ଗଲ ଜମିରେ ପୂର୍ଣ୍ଣାଙ୍ଗ ବନୀକରଣ କରିବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଖାଲିପଡିଥିବା ପଦବୀ ପୂରଣ

119 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବସ୍ତା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦୁଇଟି ବ୍ଲକ ଯଥା ବସ୍ତା ଓ ବାଲିଆପାଳ ବ୍ଲକରେ ସରକାରୀ କର୍ମଚାରୀମାନଙ୍କ ଅଭାବ ଦୃଷ୍ଟିରୁ ବିଭିନ୍ନ ଜନକଲ୍ୟାଣୀମୂଳକ ଯୋଜନାର କାର୍ଯ୍ୟକାରିତାରେ ଅନ୍ତରାୟ ସୃଷ୍ଟି ହୋଉଛି, ବସ୍ତା ବ୍ଲକରେ ଅନୁମୋଦିତ 101 ପଦବୀ ମଧ୍ୟରୁ 32 ଗୋଟି ପଦବୀ ଓ ସେହିପରି ବାଲିଆପାଳ ବ୍ଲକରେ ଅନୁମୋଦିତ 111 ପଦବୀ ମଧ୍ୟରୁ 33 ଗୋଟି ପଦବୀ ଦିର୍ଘ ଦିନ ହେଲା ଖାଲିପଡିଛି, ଜନସାଧାରଣଙ୍କୁ ସେବା ପ୍ରଦାନରେ ବାଧାପ୍ରାପ୍ତ ହେଉଥିବାରୁ ସମସ୍ତ ଖାଲିପଡିଥିବା ପଦବୀ ପୂରଣ ପାଇଁ ସରକାର ସମୟବଦ୍ଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେକି?

----

## ଶବଦାହ ପିଣ୍ଡିର ତାଲିକା

120 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବସ୍ତା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବସ୍ତା ଓ ବାଲିଆପାଳ ବ୍ଲକର କେଉଁକେଉଁ ଗ୍ରାମ ପଂଚାୟତରେ ଶବଦାହ ପିଣ୍ଡି ସମେତ ଶବବାହକ ଆଶ୍ରୟସ୍ଥଳୀ ଅଛି ତାହାର ଏକ ତାଲିକା ପ୍ରଦାନ କରିବେକି, ଏଥିସହିତ ଯେଉଁ ପଂଚାୟତଗୁଡିକରେ ଏହି ସୁବିଧା ଉପଲବ୍ଧ ନାହିଁ ସେଠାରେ ନୂତନଭାବେ ଶବଦାହ ପିଣ୍ଡି ସମେତ ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି କି?

----

## ରାସ୍ତା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର

121 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବସ୍ତା ଓ ବାଲିଆପାଳ ବ୍ଲକର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା ରାସ୍ତା ଗୁଡ଼ିକର ମରାମତି ତଥା ନୂତନ ରାସ୍ତା ନିର୍ମାଣ ପାଇଁ ବିଗତ ୫ ବର୍ଷ ମଧ୍ୟରେ କେତେ ଅର୍ଥ ମଞ୍ଜୁର ହୋଇଥିଲା,ଉକ୍ତ ଅର୍ଥରେ ହୋଇଥିବା ପୂର୍ଣ୍ଣାଙ୍ଗ କାର୍ଯ୍ୟର ବିବରଣୀ ଏବଂ ଅବଶିଷ୍ଟ ଅସମ୍ପୂର୍ଣ୍ଣ କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହେବ ?

----

## ଚୁକ୍ତି ଭିତ୍ତିକ କର୍ମଚାରୀଙ୍କୁ ସ୍ଥାୟୀ କରିବା ପାଇଁ ପଦକ୍ଷେପ

122 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଆମ ରାଜ୍ୟର ବିଭିନ୍ନ ପୌରସଂସ୍ଥାମାନଙ୍କରେ କାର୍ଯ୍ୟରତ ଚୁକ୍ତି ଭିତ୍ତିକ ( Contractual ) Accountants , MIS ( C.S) ଏବଂ Community Organisers ମାନେ ଦୀର୍ଘ ୧୧ ବର୍ଷ ହେବ କାର୍ଯ୍ୟ କରି ଆସୁଛନ୍ତି, ରାଜ୍ୟରେ ଚୁକ୍ତିଭିତ୍ତିକ ନିୟମ (Contractual Rule) ଉଚ୍ଛେଦ ହେବା ପରେ ମଧ୍ୟ ଏ ପର୍ଯ୍ୟନ୍ତ ସେମାନଙ୍କୁ ସ୍ଥାୟୀ କରିବା ପାଇଁ ସରକାର କଣସବୁ ପଦକ୍ଷେପ ନେଉଛନ୍ତି ?

----

## ଦୀନଦୟାଲ କର୍ମଚାରୀ ନିବାସ ସ୍ଥାପନ

123 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସ୍ୱଳ୍ପ ବର୍ଗର ଶିଳ୍ପ ଶ୍ରମିକମାନଙ୍କୁ ଆବାସ ଯୋଗାଇ ଦେବାପାଇଁ ରାଜ୍ୟ ସରକାର ବିଭିନ୍ନ ଜିଲ୍ଲାର ଶିଳ୍ପାଞ୍ଚଳରେ ହଷ୍ଟେଲ ବା ଆପାର୍ଟମେଣ୍ଟ କମ୍ପ୍ଲେକ୍ସ ନିର୍ମାଣ ନିମନ୍ତେ ଶିଳ୍ପାଞ୍ଚଳରେ ଦୀନଦୟାଲ କର୍ମଚାରୀ ନିବାସ ନାମକ ଏକ ନୂତନ ଯୋଜନା ପାଇଁ ଚଳିତ ବଜେଟରେ ୮୦ କୋଟି ବ୍ୟୟବରାଦ ପ୍ରସ୍ତାବ ରଖିଛନ୍ତି, ଏହି ଯୋଜନାରେ ବାଲେଶ୍ୱର ଜିଲ୍ଲାର ସ୍ୱଳ୍ପ ବର୍ଗର ଶିଳ୍ପ ଶ୍ରମିକମାନଙ୍କ ପାଇଁ ଶିଳ୍ପାଞ୍ଚଳରେ ଦୀନଦୟାଲ କର୍ମଚାରୀ ନିବାସ ସ୍ଥାପନ କରିବାର ପ୍ରସ୍ତାବ ସରକାରଙ୍କର ଅଛି କି ?

----

## ଅର୍ଥ ବିନିଯୋଗ କରିବା ପାଇଁ Action Plan

124 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଆର୍ଥିକ ବର୍ଷ ୨୪ /୨୫ ରେ ବାଲେଶ୍ୱର ପୌରପାଳିକାକୁ ସରକାରଙ୍କ ପକ୍ଷରୁ କେଉଁ କେଉଁ head ବା ଯୋଜନାରେ କେତେ ଅର୍ଥ ଆସିଛି; ଉକ୍ତ ଅର୍ଥକୁ ବିନିଯୋଗ କରିବା ପାଇଁ ପୌରପାଳିକାର Action Plan କଣ ଏବଂ ଅଦ୍ୟାବଧି କେଉଁ head ରେ କେତେ ଅର୍ଥ ଖର୍ଚ୍ଚ ହୋଇନପାରି ରହିଛି ତାହାର ସବିଶେଷ ତଥ୍ୟ ପ୍ରଦାନ କରିବା ସହ ଉକ୍ତ unspend money ରେ non proposal ଅର୍ଥ କେଉଁ head ରେ କେତେ ?

----

## ପ୍ରକଳ୍ପ ଗୁଡ଼ିକର ସ୍ଥିତାବସ୍ଥା

125 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଆଜିଯାଏଁ ବାଲେଶ୍ୱର ସଦର ବ୍ଲକରେ କେଉଁ ଯୋଜନାରେ କେତେ ପ୍ରକଳ୍ପ ଅନୁମୋଦିତ ହୋଇଛି ( ଆର୍ଥିକ ବର୍ଷ ଅନୁଯାଇ), Scheme, ଅର୍ଥ, Execution mode ଓ ବର୍ଷ ଅନୁଯାଇ Starter ଏବଂ non Starter ପ୍ରକଳ୍ପ ଗୁଡ଼ିକର ପଞ୍ଚାୟତୱାରୀ ଓ ସହରୀ ୱାର୍ଡ଼ୱାରୀ ସବିଶେଷ ତଥ୍ୟ ପ୍ରଦାନ କରିବା ସହ ଉକ୍ତ ପ୍ରକଳ୍ପ ଗୁଡ଼ିକର ବର୍ତ୍ତମାନ ସ୍ଥିତାବସ୍ଥା କଣ ଓ ଆରମ୍ଭ ହୋଇଥିବା ପ୍ରକଳ୍ପ ଗୁଡ଼ିକର କେତେ ଶତକଡ଼ା କାର୍ଯ୍ୟ ହୋଇଛି ?

----

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ Flat ନିର୍ମାଣ

126 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସହରାଞ୍ଚଳରେ ଜାଗାର ଅଭାବ ଯୋଗୁଁ ଅନ୍ୟ ରାଜ୍ୟ ଭଳି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ Flat ନିର୍ମାଣ କରି ଗରିବଙ୍କ ପାଇଁ କମ ଜାଗାରେ ଅଧିକ ନୂତନ ଘର ଦେବାର ବିଭାଗ ପକ୍ଷରୁ କିଛି ବ୍ୟବସ୍ଥା ବା ନିୟମାବଳୀ ଅଛି କି, ଯଦି ନାହିଁ ଏ ଦିଗରେ ସରକାର ବିଚାର କରି ନିୟମ କେବେ ସୁଦ୍ଧା ଆଣିବେ କହିବେ କି ; ଏହି ମର୍ମରେ ବାଲେଶ୍ୱର ପୌରପାଳିକା ଅଧିନସ୍ଥ କଂଗ୍ରେସ ଅଫିସ ଗଳିରେ Sweeper Colony ରେ ବସବାସ କରୁଥିବା ଗରିବ ଭୂମିହୀନ ତଥା ବାସଗୃହ ହୀନ ସଫେଇ କରୁଥିବା ଲୋକଙ୍କୁ ଏହି ପ୍ରଧାନମନ୍ତ୍ରୀ ଆବାସ Flat ଯୋଜନାରେ ଘର ଦେଇ ଉକ୍ତ କଲୋନୀକୁ ଆମ୍ବେଦକର କଲୋନୀ ନାମରେ ନାମିତ କରିବା ପାଇଁ ପଦକ୍ଷେପ ନେବେ କି ?

----

## ଠିକା ସଂସ୍ଥା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

127 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ ଡୁବୁଡୁବି ନଦୀ ଉପରେ ୧୭ /୧୮ ମସିହାଠାରୁ କାର୍ଯ୍ୟରତ ଠିକା ସଂସ୍ଥା କାର୍ଯ୍ୟ ନେଇ ସମ୍ପୂର୍ଣ୍ଣ ନ କରିବା ପ୍ରତିବାଦରେ ବିଭାଗ ପକ୍ଷରୁ ଉକ୍ତ ଠିକା ସଂସ୍ଥା ବିରୋଧରେ କେଉଁ ତାରିଖରେ କଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ତାହାର ତଥ୍ୟ ପ୍ରଦାନ କରିବା ସହ ଅଦ୍ୟାବଧି ଉକ୍ତ ସଂସ୍ଥାକୁ କଣ ପାଇଁ ବାଜ୍ୟାପ୍ତ କରାଯାଇନାହିଁ କହିବେ କି, ଏବଂ ପୋଲର ନିର୍ମାଣ ପାଇଁ ବିଭାଗ ପକ୍ଷରୁ କଣ ପଦକ୍ଷେପ ନିଆଯାଉଛି କହିବେ କି ;( ଖ ) ଗ୍ରାମ ଉନ୍ନୟନ ବିଭାଗ ବାଲେଶ୍ୱର ପକ୍ଷରୁ ଚଳିତ ଆର୍ଥିକ ବର୍ଷର ଜୁଲାଇ ମାସଠାରୁ ଅଦ୍ୟାବଧି ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେଉଁ ପ୍ରକଳ୍ପର କେଉଁ agency କୁ କେତେ ବିଲ ହୋଇଛି ତାହାର ହିସାବ ତାରିଖ ଓ ଅର୍ଥ ସହ ପ୍ରଦାନ କରିବେ କି ?

----

## ଶ୍ରମିକ ମାନଙ୍କ ସମସ୍ୟା ସମାଧାନରେ ବିଳମ୍ବ

128 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ବାଲେଶ୍ୱର ବିର୍ଲା କମ୍ପାନୀକୁ ନୂତନ କରି ନେଇଥିବା ଡ଼ାଲମିଆଁ ଓ ହିମାଦ୍ରି chemical ରେ ଶ୍ରମିକ ମାନଙ୍କ ସମସ୍ୟା ସମାଧାନ ନ ହେବାର କାରଣ କଣ ଓ ସମାଧାନ ପାଇଁ ବିଭାଗ କଣ ଚିନ୍ତା କରିଛି ଏବଂ ଉକ୍ତ ସମସ୍ୟା ବାବଦରେ ଗତ ୬ ମାସ ମଧ୍ୟରେ ହୋଇଥିବା ସମସ୍ତ ସରକାରୀ proceeding ର ତଥ୍ୟ ପ୍ରଦାନ କରିବା ସହ NCLT ରେ ଯାଇନଥିବା ଶ୍ରମିକମାନଙ୍କୁ Consideration କରାଯିବ ନା ନାହିଁ ତଥା ପୁରାତନ କମ୍ପାନୀ ବିର୍ଲାରେ ଅଫିସଠାରୁ ଆରମ୍ଭକରି ସୁଇପର ମାଳି ଶ୍ରମିକ ପର୍ଯ୍ୟନ୍ତ ଠିକା ଓ ସ୍ଥାୟୀ କେତେ ଜଣ କାମ କରୁଥିଲେ ତାହାର ତଥ୍ୟ ପ୍ରଦାନ କରିବେ କି ; (ଖ) Himadri ଓ Dalmia ନେବା ପରେ କେଉଁ କାର୍ଯ୍ୟ ପାଇଁ କେତେ ଶ୍ରମିକ ବା ନିଯୁକ୍ତି କମ୍ପାନୀ ପକ୍ଷରୁ ଦିଆଯାଇଛି, ନିଯୁକ୍ତି ପାଇଥିବା ସମସ୍ତ ବ୍ୟକ୍ତିର ନାମ, ବେତନ ଅର୍ଥ ଓ କାର୍ଯ୍ୟ ବିବରଣୀ ସହ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ?

----

## ତାଲିକା ପ୍ରଦାନ

129 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟ ସମସ୍ତ ଜିଲ୍ଲାର ନିୟୋଜିତ ବାହ୍ୟ କର୍ମଚାରୀ ଓ ସୁରକ୍ଷା କର୍ମସଂଖ୍ୟା କେତେ; କେତେ ମଧ୍ୟରୁ କେତେ ସଂଖ୍ୟକ କର୍ମଚାରୀ ୧୦ ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟାଳୟ ତାହାର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ଏବଂ କେଉଁ ସଂସ୍ଥାମାନଙ୍କ ଦ୍ୱାରା କାର୍ଯ୍ୟ ସମାପନ କରାଯାଉଅଛି ତାହାର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ଏବଂ ସେମାନଙ୍କୁ ପ୍ରଦାନ କରାଯାଇଥିବା ନାର୍ଯ୍ୟପ୍ରାପ୍ତ ଓ ବେଆଇନ ପ୍ରାପ୍ତ ଉକ୍ତ କାର୍ଯ୍ୟାଳୟ ଅଧିକାରୀ ଓ ଜିଲ୍ଲା ଅଧିକାରୀ ଦ୍ୱାରା ପ୍ରମାଣିତ କରାଯିବାର ତାଲିକା ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ଏଥିନିମନ୍ତେ ବାର୍ଷିକ କେତେ ଅର୍ଥ ବ୍ୟୟ ବରାଦ କରାଯାଇଅଛି ତାର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ବାହ୍ୟ କର୍ମଚାରୀ ନିଯୁକ୍ତି ସମ୍ପର୍କର

130 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଥିବା ସମସ୍ତ ପୌର ସଂସ୍ଥା ଓ ମହାନଗର ନିଗମ ଗୁଡ଼ିକରେ କେତେ ବାହ୍ୟ କର୍ମଚାରୀ ଓ ସୁରକ୍ଷା କର୍ମିମାନଙ୍କୁ ନିଯୁକ୍ତ ପ୍ରଦାନ କରାଯାଇ ଅଛି, ସମସ୍ତ ଜିଲ୍ଲାରେ ଉକ୍ତ ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ଏବଂ କେଉଁ କେଉଁ ସଂସ୍ଥାକୁ ଉକ୍ତ କାର୍ଯ୍ୟାଦେଶ ପ୍ରଦାନ କରାଯାଇ ଅଛି ତାହାର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ଏବଂ ଏଥିମଧ୍ୟରୁ କେତେ ସଂଖ୍ୟକ କର୍ମଚାରୀ ୧୦ ବର୍ଷରୁ ଉର୍ଦ୍ଧ ସମୟ କାର୍ଯ୍ୟରତ ଅଛନ୍ତି ତାହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି; ଏଥିନିମନ୍ତେ ବାର୍ଷିକ କେତେ ଅର୍ଥ ବ୍ୟୟବରାଦ କରାଯାଇ ଅଛି ତାହାର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## କର୍ମଚାରୀଙ୍କ ପାଇଁ ହେଉଥିବା ବ୍ୟୟ ବରାଦ

131 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ମାନଙ୍କରେ ବାହ୍ୟଶ୍ରମ ନିଯୁକ୍ତି ସଂସ୍ଥା ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସମସ୍ତ ବର୍ଗର କର୍ମଚାରୀ ମାନଙ୍କ ସଂଖ୍ୟା କେତେ ତାହାର ବିଭାଗଓ୍ୱାରୀ ତାଲିକା ପ୍ରଦାନ କରିବେ କି; କେଉଁ କେଉଁ ବିଭାଗର କେଉଁ କେଉଁ ଜିଲ୍ଲା କାର୍ଯ୍ୟାଳୟ ଓ ନିଗମ କାର୍ଯ୍ୟାଳୟ "ମୁଖ୍ୟ କର୍ମ ନିଯୁକ୍ତି ଦାତା" ଭାବେ ପଞ୍ଜିକୃତ ଅଛନ୍ତି ତାହାର ଜିଲ୍ଲାଓ୍ୱାରୀ ତାଲିକା ପ୍ରଦାନ କରିବେ କି; ଏଥି ନିମନ୍ତେ ବାର୍ଷିକ କେତେ ଅର୍ଥ ବ୍ୟୟ ବରାଦ କରାଯାଇ ଅଛି ?

----

## ବାର୍ଷିକ ବ୍ୟୟ ବରାଦ ବିବରଣୀ

132 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ସମସ୍ତ ଜିଲ୍ଲାରେ ଥିବା ବିଭାଗ କର୍ତ୍ତୃପକ୍ଷ ଅଧିନରେ କେତେ ସଂଖ୍ୟକ ବାହ୍ୟ କର୍ମଚାରୀ ନିଯୁକ୍ତି ପ୍ରଦାନ କରାଯାଇଛି, ତାହାର ଜିଲ୍ଲାଓ୍ୱାରୀ ତାଲିକା ପ୍ରଦାନ କରିବେ କି, ଶ୍ରମ ନିୟମ ଅନୁଯାଇ ସେମାନଙ୍କ ନାର୍ଯ୍ୟପ୍ରାପ୍ତ ଓ ବେଆଇନ ପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀଦ୍ୱାରା ଏବଂ ବିଭାଗ ଅଧିକାରୀଦ୍ୱାରା ପ୍ରାପ୍ତ ପ୍ରଦାନ କରାଯାଉଥିବାର ତଥ୍ୟ ଉପସ୍ଥାପନ କରିବେ କି, ଏଥିମଧ୍ୟରୁ କେଉଁ କର୍ମଚାରୀ 10 ବର୍ଷରୁ ଉର୍ଦ୍ଧ୍ୱ ଉକ୍ତ ବିଭାଗ କାର୍ଯ୍ୟରତ ଅଛନ୍ତି ତାହାର ଏକ ଜିଲ୍ଲାଓ୍ୱାରୀ ତାଲିକା ପ୍ରଦାନ କରିବେ କି, କେଉଁ କେଉଁ କର୍ମ ନିଯୁକ୍ତି ସଂସ୍ଥାକୁ କାର୍ଯ୍ୟଦେଶ ପ୍ରଦାନ କରାଯାଉଛି, ତାହା ଜିଲ୍ଲାଓ୍ୱାରୀ ତାଲିକା ପ୍ରଦାନ କରିବେ କି, କେଉଁ କେଉଁ କର୍ମ ନିଯୁକ୍ତି ସଂସ୍ଥାକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି ତାହା ଜିଲ୍ଲାଓ୍ୱାରୀ ତାଲିକା ପ୍ରଦାନ କରିବେ କି ଏଥି ନିମନ୍ତେ କେତେ ବାର୍ଷିକ ବ୍ୟୟ ବରାଦ କରାଯାଉଅଛି ?

----

## ଗ୍ରାମ୍ୟ ଉନ୍ନୟନ ବିବାଗରେ ବାହ୍ୟ କର୍ମଚାରୀ ନିଯୁକ୍ତି ସମ୍ପର୍କରେ

133 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ପ୍ରତ୍ୟେକ ଜିଲ୍ଲାରେ କେତେ ସଂଖ୍ୟକ ବାହ୍ୟ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି, ତତସହିତ କେତେ ସଂଖ୍ୟକ ସୁରକ୍ଷା କର୍ମୀକୁ ନିଯୁକ୍ତି ପ୍ରଦାନ କରାଯାଇଛି ତାହାର ଜିଲ୍ଲାଓ୍ୱାରୀ ତାଲିକା ପ୍ରଦାନ କରିବେ କି ଏବଂ ତନ୍ମଧ୍ୟରୁ ବାହ୍ୟ ନିଯୁକ୍ତି କର୍ମଚାରୀ 10 ବର୍ଷରୁ ଉର୍ଦ୍ଧ୍ୱରୁ କାର୍ଯ୍ୟରତ ଅଛନ୍ତି, ତାହାର ଏକ ଜିଲ୍ଲାଓ୍ୱାରୀ ତାଲିକା ପ୍ରଦାନ କରିବେ କି ଏବଂ କେଉଁ ସଂସ୍ଥାକୁ ବର୍ତ୍ତମାନ କାର୍ଯ୍ୟାଦେଶ ପ୍ରଦାନ କରାଯାଇଅଛି ତାହାର ଏକ ଜିଲ୍ଲାଓ୍ୱାରୀ ତାଲିକା ପ୍ରଦାନ କରିବେ କି, ଏଥିନିମନ୍ତେ ବାର୍ଷିକ କେତେ ଅର୍ଥ ବ୍ୟୟ ବରାଦ କରାଯାଇଅଛି ?

----

## ସରକାରୀ ନିଗମ ଗୁଡ଼ିକର ପୁନଃରୁଦ୍ଧାର

134 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡ଼ିଶାରେ କେତୋଟି ସରକାରୀ ନିଗମ ଅଛି, ଏହି ବିଗମ ଗୁଡ଼ିକରେ କେତେ ଜଣ କର୍ମଚାରୀ କେଉଁ ବର୍ଗର ନିୟୋଜିତ ଅଛନ୍ତି ଏଥି ମଧ୍ୟରୁ କେଉଁ ନିଗମ ଗୁଡ଼ିକ ଲାଭ ବା କ୍ଷତିରେ ଚାଲିଛି ; ଗତ ୫ ବର୍ଷ ମଧ୍ୟରେ ଲାଭ କରିଥିବା ନିଗମ କେତେ ପରିମାଣର ଲାଭାଂଶ ସରକାରଙ୍କୁ ପ୍ରଦାନ କରିଛନ୍ତି; କ୍ଷତିରେ ଚାଲିଥିବା ନିଗମ ଗୁଡ଼ିକର ପୁନରୁଦ୍ଧାର ପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ବ୍ଲକ ପୁନର୍ଗଠନ

135 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡ଼ିଶାରେ ୩୧୪ ବ୍ଲକକୁ ପୁନର୍ଗଠନ କରାଯାଇ ଏହାର ସଂଖ୍ୟା ବଢାଇବା ପାଇଁ ସରକାରଙ୍କର କିଛି ଯୋଜନା ଅଛି କି; ଯଦି ହଁ ଏହି ପୁନର୍ଗଠନ କାର୍ଯ୍ୟ କେବେ ଆରମ୍ଭ ହେବ ଓ କେବେ ସୁଦ୍ଧା ସରିବ ?

----

## Fake UAN holderଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

136 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗତ ୩ ବର୍ଷ ମଧ୍ୟରେ PM-ABRY schemeର ସଫଳ ରୂପାୟନ ପାଇଁ EPFO ତାର କିଛି UAN Holder ଙ୍କୁ Disabled/Freeze/Lock/Deactivate କରି ରଖିଥିବା ସରକାରଙ୍କ ନଜରକୁ ଆସିଛି କି; ଯଦି ହଁ ତେବେ ଏମାନଙ୍କ ସଂଖ୍ୟା କେତେ ଓ କେବେ ସୁଦ୍ଧା ତଦନ୍ତ ସାରି ଏହି UAN holderଙ୍କୁ ସଚଳ କରାହେବ ଏବଂ ତାହା ଜଣାଇବା ସହ fake UAN holder ଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଅଛି ?

----

## Project Directorଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

137 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡ଼ିଶାରେ ଥିବା ୩୧୪ ବ୍ଲକରେ BDO ଅବସ୍ଥାପିତ ଅଛନ୍ତି କି ; ଯଦି ନାଁ ତେବେ କେତୋଟି ବ୍ଲକରେ ଖାଲି ଅଛି ତାହା ଜଣାଇବା ସହ ଏହା କେବେ ସୁଦ୍ଧା ପୁରଣ ହେବ ତାହା ଜଣାଇବେ କି; ଓଡ଼ିଶାର ୩୦ଟି ଜିଲ୍ଲା ରେ ଥିବା DRDA Project Director ଅବସ୍ଥାପିତ ଅଛନ୍ତି କି; ଯଦି ନାଁ କେଉଁ କେଉଁ ଜିଲ୍ଲା ଖାଲି ରହିଛି; ବର୍ତ୍ତମାନ ଅବସ୍ଥାପିତ ଥିବା କେଉଁ କେଉଁ Project Director ଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବା vigilance enquiry ରହିଛି କି; ଯଦି ହଁ ତେବେ ସେହି ସମ୍ବନ୍ଧରେ ସରକାର କି ପଦକ୍ଷେପ ନେଇଛନ୍ତି ?

----

## କଙ୍କ୍ରିଟ ପେଭର ବ୍ଲକ ହୋଇଥିବା ରାସ୍ତାର ପରିମାଣ

138 **ଶ୍ରୀ ନବ କିଶୋର ମଲ୍ଲିକ (ଜୟଦେବ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜୟଦେବ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିପାଟଣା ଏବଂ ବାଲିଅନ୍ତା ବ୍ଲକର କେଉଁ କେଉଁ ଗ୍ରାମ ପଞ୍ଚାୟତର କେଉଁ କେଉଁ ଗ୍ରାମରେ କେତେ କିଲୋମିଟର ପଞ୍ଚାୟତ ରାସ୍ତା ଥିଲା ତନ୍ମଧ୍ୟରୁ କେତେ ରାସ୍ତାକୁ କଂକ୍ରିଟ ଫେବର ବ୍ଲକ କରାଯାଇଅଛି; ଅବଶିଷ୍ଟ ରାସ୍ତାକୁ ଫେବରବ୍ଲକ କରିବାକୁ କି ପଦକ୍ଷେପ ନିଆଯାଇଅଛି?

----

## ପ୍ରଦୂଷିତ ସଂସ୍ଥା ବିରୁଦ୍ଧରେ ପଦକ୍ଷେପ

139 **ଶ୍ରୀ ନବ କିଶୋର ମଲ୍ଲିକ (ଜୟଦେବ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜୟଦେବ ନିର୍ବାଚନ ମଣ୍ଡଳୀରେ ରାଇସମିଲ୍, ମାଟିଇଟା, ଚିମିନି ଭାଟି ଏବଂ ଉଠା ଇଟା ଭାଟି ଭାବେ ଜଳ ଏବଂ ବାୟୁକୁ ପ୍ରଦୂଷିତ କରୁଥିବା କଥା ସରକାରଙ୍କ ନଜରକୁ ଆସିଛି କି, ଯଦି ହଁ ତେବେ ସରାକାରୀ ନିୟମାବଳୀକୁ ନମାନି ପ୍ରଦୂଷିତ କରୁଥିବା ଉକ୍ତ ପ୍ରଦୂଷିତ ସଂସ୍ଥା ବିରୁଦ୍ଧରେ ସରକାର କି ପଦକ୍ଷେପ ନେଇଛନ୍ତି ?

----

## ମେଗା water ପ୍ରକଳ୍ପକୁ ସାରିବା ପାଇଁ ପଦକ୍ଷେପ

140 **ଶ୍ରୀ ନବ କିଶୋର ମଲ୍ଲିକ (ଜୟଦେବ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜୟଦେବ ନିର୍ବାଚନ ମଣ୍ଡଳୀରେ ଚାଲୁଥିବା ମେଗା water ପ୍ରକଳ୍ପକୁ ଯୁଦ୍ଧକାଳୀନ ଭିତ୍ତିରେ ଶିଘ୍ର ସାରିବା ପାଇଁ ସରକାର ପଦକ୍ଷେପ ନେବେ କି ଏବଂ ଉକ୍ତ ନିର୍ବାଚନ ମଣ୍ଡଳୀରେ ଥିବା ୨୨ଟି ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ଏବଂ ୩୭୦୧ଟି ନଳକୂପ ମଧ୍ୟରୁ କେତେକ ଅଚଳ ଅବସ୍ଥାରେ ଥିବାରୁ ସେଗୁଡ଼ିକୁ ସଜାଡ଼ିବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## Builder ଙ୍କ ତାଲିକା

141 **ଶ୍ରୀ ନବ କିଶୋର ମଲ୍ଲିକ (ଜୟଦେବ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଜୟଦେବ ନିର୍ବାଚନ ମଣ୍ଡଳୀର ବାଲିଅନ୍ତା ଏବଂ ବାଲିପାଟଣା ତହସିଲ ଅଧୀନରେ କେତେଜଣ ପଞ୍ଜିକୃତ builders ଏବଂ କେତେଜଣ ଅଣ ପଞ୍ଜିକୃତ builders ploting scheme, duplex ଏବଂ apartment business କରୁଛନ୍ତି, ଏହାର ଏକ ତାଲିକା ଦେବେ କି, ଏହି କାର୍ଯ୍ୟ ସରକାରୀ ନିୟମାବଳୀ ଅନୁଯାୟୀ କରାଯାଇଛି କି ନାହିଁ, ଉକ୍ତ builder ମାନେ ସରକାରୀ ନିୟମାବଳୀକୁ ଭୃକ୍ଷେପ ନ କରି ବିଭାଗୀୟ ଅଧିକାରୀମାନଙ୍କୁ ହାତ କରି ଦଣ୍ଡା ଗୋଚର, ଜଳାଶୟ, ଅନାବାଦି, ଜଳସେଚନ ଅଧିନସ୍ଥ ଜମି ଏବଂ କାଜାଗୁଡ଼ିକୁ ସରକାରୀ ନିୟମ ଉଲ୍ଲଘଂନ କରି ଜବରଦଖଲ କରୁଥିବାରୁ ଏମାନଙ୍କ ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ?

----

## ବନ ସୁରକ୍ଷା ସମିତି ସମ୍ପର୍କରେ

142 **ଶ୍ରୀ ନବ କିଶୋର ମଲ୍ଲିକ (ଜୟଦେବ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜୟଦେବ ନିର୍ବାଚନ ମଣ୍ଡଳୀରେ ଜଙ୍ଗଲ ବିଭାଗ ତରଫରୁ ବନ ସୁରକ୍ଷା ସମିତି, ଜୈବ ମଣ୍ଡଳ ସୁରକ୍ଷା ସମିତି, ବନ ସୁରକ୍ଷା ବାହିନୀ, ବନାଗ୍ନି ପ୍ରତିରୋଧ ବାହିନୀ କେତେଗୋଟି ରହିଅଛି, ଏହି ସମିତି କାହାର ନିର୍ଦ୍ଦେଶରେ ଗଠନ କରାଯାଏ ଏବଂ ଏହି ସମିତିର ଅବଧି କେତେ ତାହା ପ୍ରକାଶ କରିବେ କି ?

----

## କୃଷି ଶ୍ରମିକ ଚିହ୍ନଟ

143 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ ଜିଲ୍ଲାରେ କେତେ କୃଷି ଶ୍ରମିକ ଚିହ୍ନଟ ହୋଇ ପଞ୍ଜିକୃତ ହୋଇଛନ୍ତି, ପ୍ରକାଶ କରି କୃଷି ଶ୍ରମିକଙ୍କୁ ପଞ୍ଜିକୃତ କରି କର୍ମଚାରୀ ରାଜ୍ୟ ବୀମାଭୁକ୍ତ କରିବାକୁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## କର୍ମଚାରୀ ଚୟନ

144 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ବିଭିନ୍ନ ସରକାରୀ ଉଦ୍ୟୋଗରେ କର୍ମଚାରୀ ନିୟୋଜନ ନିମନ୍ତେ ଏକକ ନିୟୋଜନ ପରୀକ୍ଷା ମାଧ୍ୟମରେ କର୍ମଚାରୀ ଚୟନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ରାସ୍ତା ନିର୍ମାଣ

145 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ ଜିଲ୍ଲା ସାଲେପୁର ଓ ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ପାଞ୍ଚବର୍ଷ ଅବଧି ପୂର୍ଣ୍ଣ କରିଥିବା କେତେ କିଲୋମିଟର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ଅଛି, ଏହାର ପୁନଃ ନିର୍ମାଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଆଦାୟ ହୋଇଥିବା ଜୋରିମାନା ପରିମାଣ

146 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଗତ ତିନି ବର୍ଷରେ ପରିବେଶ ଉଲ୍ଲଙ୍ଘନ ହେତୁ କଟକ ଜିଲ୍ଲାର କେଉଁ ସଂସ୍ଥାଠାରୁ କେତେ ଜୋରିମାନା ଆଦାୟ ହୋଇଛି ?

----

## ଜୈବିକ ଖତ ପ୍ରସ୍ତୁତ

147 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ ପୌର ପାଳିକାରେ ନିର୍ଗତ ବର୍ଜ୍ୟବସ୍ତୁରୁ ଜୈବିକ ଖତ ପ୍ରସ୍ତୁତ ଭିତ୍ତିଭୂମି ଉନ୍ନୟନ କରାଯାଇଛି, ଏହାକୁ ସଫଳ ରୂପାୟନ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଆର୍ଥିକ ବ୍ୟୟ ଅଟକଳର ବିବରଣୀ

148 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଅଣତାରକା ପ୍ରଶ୍ନ ସଂଖ୍ୟା ୬୬୫, ତାରିଖ:୩୦.୦୭.୨୦୨୪ ରେ 'ଖ'ଟେ ପ୍ରଦତ୍ତ ଉତ୍ତର ପରିପ୍ରେକ୍ଷୀରେ ଗତ ଆର୍ଥିକ ବର୍ଷରେ କେଉଁ NAC ଓ Municipality ପାଇଁ ୪୦୭ଟି ପ୍ରକଳ୍ପର ପ୍ରଶାସନିକ ଅନୁମୋଦନ ମଞ୍ଜୁରୀ ପ୍ରାପ୍ତ ହୋଇଛି ଏବଂ ସେଗୁଡିକ ପାଇଁ କେତେ ଆର୍ଥିକ ବ୍ୟୟ ଅଟକଳ କରାଯାଇଅଛି ତାର ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନା କରିବେ କି ଏବଂ ସେଗୁଡିକ କେବେ ଠାରୁ କାର୍ଯ୍ୟକାରୀ ହେବ ଜଣାଇବେ କି; ଖ) Water front Development ପାଇଁ ପ୍ରସ୍ତୁତ ହୋଇଥିବା SOP କ'ଣ ରହିଛି ?

----

## ପରାମର୍ଶଦାତାମାନଙ୍କ ନିଯୁକ୍ତି ସମ୍ପର୍କରେ

149 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କ) ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧିନସ୍ଥ ଓଡ଼ିଶା ସହରାଞ୍ଚଳ ଭିତ୍ତିଭୂମି ଉନ୍ନୟନ ପାଣ୍ଠିର ସୁବିନିଯୋଗ ପାଇଁ କେଉଁ କେଉଁ ସଂସ୍ଥା ଜରିଆରେ କେଉଁ ପ୍ରକାରର ସର୍ତ୍ତାବଳୀ ସହ କେତେଜଣ ପରାମର୍ଶଦାତାମାନଙ୍କୁ କେବେଠାରୁ କେତେ ଅର୍ଥ ପାଉଣା ହିସାବରେ ନିୟୋଜନ/ନିଯୁକ୍ତି ଦିଆଯାଇଛି ତାର ଏକ ସବିଶେଷ ବିବରଣୀ ଉପସ୍ଥାପନା କରିବେ କି, ଖ) ଏହି ବିଭାଗ ଅଧିନସ୍ଥ ଓ ଏହି ବିଭାଗ ସହ ଅନୁବନ୍ଧିତ ଅନ୍ୟାନ୍ୟ ଅନୁଷ୍ଠାନ ମାନଙ୍କରେ କେତେ ଜଣ ଆର୍ଥିକ ବିଶେଷଜ୍ଞ କେବେଠାରୁ କାର୍ଯ୍ୟରତ ଅଛନ୍ତି ଓ ସେମାନଙ୍କୁ ଦିଆଯାଉଥବା ଆର୍ଥିକ ରାଶିର ଏକ ତୁଳନାତ୍ମକ ଏକ ଟିପ୍ପଣୀ ଦେବେ କି ?

----

## 4ର୍ଥ ଶ୍ରେଣୀ କର୍ମଚାରୀମାନଙ୍କୁ ପଦୋନ୍ନତି

150 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବନ ବିଭାଗ ଅଧିନରେ କେଉଁ ଜିଲ୍ଲାରେ କେତେଜଣ ୪ର୍ଥ ଶ୍ରେଣୀ କର୍ମଚାରୀମାନଙ୍କ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଅଛି, ସେମାନଙ୍କ ଯୋଗ୍ୟତା ଓ ଅଭିଜ୍ଞତାକୁ ଆଧାରକରି ସେମାନଙ୍କୁ ପଦୋନ୍ନତି ଦେବା ପାଇଁ ସରକାରଙ୍କ କିଛି ପ୍ରାବଧାନ ଅଛି କି ନାହିଁ ଜଣାଇବେ କି? ଯଦି ଅଛି ତେବେ କେବେ ଏହି ଆଧାରରେ ପଦୋନ୍ନତି ଦିଆ ହୋଇଥିଲା କିମ୍ବା ଦିଆଯିବାର ଅଛି ?

----

## ଠିକାଦାର ଚୟନ ନିମନ୍ତେ ପଲ୍ଲୀସଭା

151 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗ୍ରାମ ପଞ୍ଚାୟତ ଓ ବ୍ଲକ୍‌ସ୍ତରରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ ଗୁଡିକ ପାଇଁ ଠିକାଦାର ଚୟନ ନିମନ୍ତେ ପଲ୍ଲୀସଭା ମାଧ୍ୟମରେ ପୁନର୍ବାର ପ୍ରଚଳନ ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନେବେ କି, ଯଦି ହଁ ହୁଏ, ତେବେ କେବେଠାରୁ ଲାଗୁହେବ ?

----

## ଝାଉଁବଣ ସୃଷ୍ଟି କରିବା ପାଇଁ ପଦକ୍ଷେପ

152 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପୁରୀ ଜିଲ୍ଲାର କାକଟପୁର ନିର୍ବାଚନ ମଣ୍ଡଳୀର ଥିବା ଜଙ୍ଗଲ ବିଭାଗ ତରଫରୁ ପୁରୀ ଶ୍ରୀମନ୍ଦିର ଓ ସ୍ୱର୍ଗଦ୍ୱାର ପାଇଁ ଆବଶ୍ୟକ ପଡୁଥିବା ଝାଉଁକାଠ ପ୍ରତି ମାସରେ କେତେ ଯୋଗାଣ ହୋଇଥାଏ ଓ କେତେ ନିଅଣ୍ଟ ପଡେ ସରକାର ଜାଣନ୍ତି କି, ଆବଶ୍ୟକତା ପୂରଣ ପାଇଁ ନୂତନ ଝାଉଁବଣ ସୃଷ୍ଟି ସହ କେତେ ଅର୍ଥ ବ୍ୟୟ କରାଯିବା ପ୍ରସ୍ତାବ ଅଛି ଜଣାଇବେ କି, ଯଦି ନାଁ ତାହେଲେ ନୂତନ ଝାଉଁବଣ ସୃଷ୍ଟି ପାଇଁ ପଦକ୍ଷେପ ନେବେ କି ?

----

## ନୂତନ ରାସ୍ତା ନିର୍ମାଣ

153 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କାକଟପୁର ନିର୍ବାଚନ ମଣ୍ଡଳୀରେ ମୋଟ ଗ୍ରାମ୍ୟ ଉନ୍ନୟନ ରାସ୍ତା କେତେ ଓ କେତୋଟି ପଞ୍ଚାୟତ ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତରିତ ହେବାର ପ୍ରସ୍ତାବ ଅଛି, ତାର ରାସ୍ତାୱାରୀ ତାଲିକା ଦେବେ କି, ଚଳିତ ଆର୍ଥିକ ବର୍ଷରେ କେଉଁ କେଉଁ R.D. Road ର ମରାମତି ଓ ନୂତନ ରାସ୍ତା ନିର୍ମାଣ ପାଇଁ କେତେ ବ୍ୟୟ ବରାଦ ହୋଇଥିଲା, କେତେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି କେତେ କାର୍ଯ୍ୟକାରୀ ହୋଇଛି ତାର ରାସ୍ତା ୱାରୀ କେଉଁ କେଉଁ ସଂସ୍ଥା/ବ୍ୟକ୍ତି ବିଶେଷଙ୍କୁ କାର୍ଯ୍ୟାଦେଶ ଦିଆଯାଇ ଏହି କାର୍ଯ୍ୟଗୁଡିକ କରାଯାଇଛି ?

----

## ବିକଳ୍ପ ଜଙ୍ଗଲ ସୃଷ୍ଟି ପାଇଁ ପଦକ୍ଷେପ

154 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- 2024-25 ଆର୍ଥିକ ବର୍ଷରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ, ଖଣି ଖନନ ଓ ଶିଳ୍ପ କାର୍ଯ୍ୟରେ କେତେ ଜଙ୍ଗଲ ଜମି ନଷ୍ଟ ହବ ବୋଲି ସରକାର ଆକଳନ କରିଛନ୍ତି ଏବଂ ବିକଳ୍ପ ଜଙ୍ଗଲ ସୃଷ୍ଟି ପାଇଁ କଣ କଣ ପଦକ୍ଷେପ ନେଉଛନ୍ତି, ଚଳିତ ବର୍ଷ କେଉଁ କେଉଁ ଜିଲ୍ଲାରେ କେତେ ଅର୍ଥ ବ୍ୟୟରେ କେତେ ଜଙ୍ଗଲ ସୃଷ୍ଟି କରାଯାଇଛି ?

----

## ବିଟ୍ ହାଉସ୍ ପ୍ରତିଷ୍ଠା

155 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କାକଟପୁର ନିର୍ବାଚନ ମଣ୍ଡଳୀର କାକଟପୁରଠାରେ ଫରେଷ୍ଟ ବିଟ୍ ହାଉସ ପ୍ରତିଷ୍ଠା ପାଇଁ ବିଭାଗ ତରଫରୁ ସରକାରଙ୍କୁ ପ୍ରସ୍ତାବ ଆସିଛି କି ଓ ଏହି ପ୍ରସ୍ତାବ କେବେ ପ୍ରଶାସନିକ ମଞ୍ଜୁରୀ ପାଇଛି କେବେସୁଦ୍ଧା ବିଟ୍ ହାଉସ କେଉଁଠାରେ ଖୋଲାଯିବ ?

----

## ବିଶୁଦ୍ଧ ପାନୀୟ ଜଳ ଯୋଗାଣ

156 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବାଲିଗୁଡା ନିର୍ବାଚନ ମଣ୍ଡଳୀରେ ସମସ୍ତ 4ଟି ବ୍ଲକ ଓ NAC ଅଞ୍ଚଳରେ କେତେ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ପାଇପ୍ ଯୋଗେ ଯୋଗାଇ ଦିଆଯାଇଛି ଓ ଆଉ କେତେ ପରିବାରକୁ ଯୋଗାଇ ଦିଆଯାଇନାହିଁ, ଏହି ନିର୍ବାଚନମଣ୍ଡଳୀରେ କେତୋଟି Mega Water Project କାମ ହୋଇଛି କେତୋଟି ଚାଲୁଅଛି ଓ କେତୋଟି ହେବାର ଅଛି ତାର ଏକ ତାଲିକା ବ୍ଲକୱାରୀ ଦେବା ସହ ଏଥିପାଇଁ କେଉଁ କେଉଁ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି ଓ କେତେ ବ୍ୟୟ ଅଟକଳ ହୋଇଛି ?

----

## ଲେବର କାର୍ଡ ପ୍ରଦାନ

157 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ବାଲିଗୁଡା ନିର୍ବାଚନ ମଣ୍ଡଳୀରେ କେତେଜଣ ଶ୍ରମିକ କାମ ପାଇବା ଆଶାରେ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି ସେମାନଙ୍କ ହିସାବ ରଖିବା ସହ ସେମାନଙ୍କ ନିଜ ମାଟିରେ କାମ ଦେବାପାଇଁ ବ୍ୟବସ୍ଥା କରିବେ କି, ସେହିଭଳି କେତେଜଣ Labour Card ପାଇଛନ୍ତି ଓ ସେମାନେ କି କି ପ୍ରକାର ସରକାରୀ ବ୍ୟବସ୍ଥା ଓ ସୁବିଧା ପାଇଛନ୍ତି, ସେମାନଙ୍କ ଭବିଷ୍ୟତ ପାଇଁ ସରକାର କି ପ୍ରକାର ବ୍ୟବସ୍ଥା କରୁଛନ୍ତି ?

----

## PMGSY ଯୋଜନାରେ ରାସ୍ତା ନିର୍ମାଣ

158 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ବାଲିଗୁଡା ନିର୍ବାଚନ ମଣ୍ଡଳୀରେ 2019-24 ଯାଏଁ PMGSY ଯୋଜନାରେ କେଉଁ କେଉଁ କାମ ହୋଇଛି କେଉଁ କାମ tender ଡକା ହୋଇଛି, କେଉଁ କାମ ବିନା ଟେଣ୍ଡରରେ କାମ ହୋଇଛି କହିବେ କି, ସେହିବଳି ଏହି ଅବଧି ଭିତରେ MMSY ଯୋଜନାରେ କେଉଁ କାମ କେଉଁ ସବୁ ରାସ୍ତା କେତେ କି.ମି. ରାସ୍ତା ହୋଇଛି ?

----

## Street Light ଲଗାଇବା ପାଇଁ ପଦକ୍ଷେପ

159 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ବାଲିଗୁଡା ନିର୍ବାଚନ ମଣ୍ଡଳୀରେ ସମସ୍ତ ୱାର୍ଡରେ ଗଳି କନ୍ଦିରେ Street Light କେତେ ପରିମାଣରେ ଲାଗିଛି ଓ ଆଉ କେତେ light post ଆବଶ୍ୟକତା ଅଛି ଉତ୍ତର ଦେବା ସହ ସହରର ଜଳ ନିଷ୍କାସନ ପାଇଁ ସବୁ ଡ୍ରେନ ଗୁଡିକର ମରାମତି, ସଫେଇ କାମ କବୁ କରିବା ପାଇଁ ପଦକ୍ଷେପ ନେବେ କି, NAC ଅଞ୍ଚଳରେ ସବୁ ବିକାଶ ମୂଳକ କାମରେ tender କେଉଁ କାମ ହେଉଛି ଓ କେଉଁ କାମ ବିନା tender ରେ ଚାଲିଛି ?

----

## ବେଆଇନ୍ Saw Mill ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପଦକ୍ଷେପ

160 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଓଡିଶାରେ ଅଧୁନା କେତେ ହେକ୍ଟର ଜମିରେ ଘଞ୍ଚ ଜଙ୍ଗଲ, Reserve Forest ଅଛି ଓ କେତୋଟି ଜଙ୍ଗଲରୁ କାଠ ଚୋରମାନେ ବାରମ୍ବାର କାଠ ଚୋରୀ କରୁଛନ୍ତି ସରକାର ତଦନ୍ତ କରିବା ସହ ଜଙ୍ଗଲ ବିଭାଗ ଅଧିକାରୀ, କର୍ମଚାରୀଙ୍କ ସହ କାଠ ଚୋରମାନଙ୍କ ସୁସମ୍ପର୍କ ବିଷୟରେ ଅନୁଧ୍ୟାନ କରିବେ କି, ସେହିପରି ସରକାରୀ ଭାବେ ପଞ୍ଜିକୃତ କେତେ କରତକଳ (Saw Mill) ଓ କେତେ Stone Crusher (କ୍ରସର) ୟୁନିଟ୍ ଅଛି ସେସବୁର କାର୍ଯ୍ୟକଳାପ ଉପରେ ସରକାର ନଜର ରଖିବା ସହ ବହୁ ପରିମାଣରେ ବେଆଇନ ଭାବେ କ୍ରସର ୟୁନିଟ୍ କାର୍ଯ୍ୟ ଯୋଗୁଁ ପରିବେଶ ଦୂଷିତ ହେଉଥିବାରୁ ଓ ବେଆଇନ ଭାବେ Saw Mill ଚାଲୁଥିବା ସରକାର ଏଗୁଡିକ ଉପରେ ପ୍ରତିବନ୍ଧକ ପାଇଁ ପଦକ୍ଷେପ ନେବେ କି ?

----

## EPF/ESI ଡିପୋଜିଟ୍ ହେବା ସମ୍ପର୍କରେ

161 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ କେତୋଟି ବେସରକାରୀ ଅନୁଷ୍ଠାନ ପଞ୍ଜିକୃତ ଓ କେତୋଟି ଅନୁଷ୍ଠାନ ଶ୍ରମ କାର୍ଯ୍ୟାଳୟଦ୍ୱାରା ଅଣ ପଞ୍ଜିକୃତ ଅଛନ୍ତି, ସେସବୁ ଅନୁଷ୍ଠାନରେ କେତେ କର୍ମଚାରୀ କାମ କରୁଛନ୍ତି ଓ କେଉଁ ସକାରୀ ଅନୁଷ୍ଠାନରେ କେତେ ପରିମାଣରେ out sourcing କର୍ମଚାରୀମାନେ କାମ କରୁଛନ୍ତି ସେମାନଙ୍କ ସମସ୍ତ ତଥ୍ୟ ଶ୍ରମ ଅଧିକାରୀମାନଙ୍କ କାର୍ଯ୍ୟାଳୟରେ ବିଭିନ୍ନ ଜିଲ୍ଲାମାନଙ୍କରେ ଉପଲବ୍ଧ ଅଛି କି, ସେ ସମସ୍ତ କର୍ମଚାରୀମାନେ EPF ରେ ସାମିଲ ଅଛନ୍ତି କି, ସେମାନଙ୍କର ମଜୁରୀ ସରକାରଙ୍କର ଦ୍ୱାରା ଘୋଷିତ ସର୍ବନିମ୍ନ ମଜୁରୀଠାରୁ କମ୍ ଅଛି କି ନାହିଁ ଜାଣିବା ପାଇଁ ସକାରଙ୍କର କିଛି Monitoring Agency ଅଛି କି, ସଂସ୍ଥାମାନେ ସେମାନଙ୍କ EPF, ESI ଠିକ୍ ସମୟରେ deposit କରୁଛନ୍ତି କି ?

----

## ବିଶୁଦ୍ଧ ପାନୀୟ ଜଳ ଯୋଗାଣ

162 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ପ୍ରତି ଘରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କେଉଁ କେଉଁ ଯୋଜନା କେବେଠାରୁ କାମ କରୁଛି, ଗତ 5 ବର୍ଷ ଭିତରେ ଏହିସବୁ ଯୋଜନାରୁ କେଉଁ ଯୋଜନାରେ କେତେ କେତେ ଅର୍ଥ କେଉଁ କେଉଁ କାମ ବାବଦକୁ ଆସିଥିଲା ଓ ସେ ଅର୍ଥରେ କି କି project (Mega Water Project) ହୋଇଛି ତାର ଏକ ବିସ୍ତୃତ ତାଲିକା ବର୍ଷୱାରୀ ବ୍ଲକୱାରୀ ଦେବା ସହ କେତେ ଲୋକ ଉପକୃତ ହୋଇଛନ୍ତି, ଚୁଆ ଓ ନଳ ପାଣି ଉପରେ ନିର୍ଭର କରିବାକୁ ପଡୁନାହିଁ କହିବେ କି, କେତୋଟି Mega Water Project କାମ କେଉଁ କେଉଁ ସଂସ୍ଥାଦ୍ୱାରା କେତେ ଅର୍ଥରେ ହେଉଛି ?

----

## ରାସ୍ତା ନିର୍ମାଣ

163 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ କେଉଁ ଗ୍ରାମକୁ ରାସ୍ତା ନାହିଁ , ଦୁର୍ଗମ ଅଞ୍ଚଳ, ବିଭିନ୍ନ ବ୍ଲକ ଠାରୁ ବହୁ ଦୂରରେ ଥିବା ପାହାଡ ଜଙ୍ଗଲ ଘେରା ଗାଁ ଗୁଡିକୁ ସବୁଦିନିଆ ରାସ୍ତା କରିବା ପାଇଁ ବିଭାଗ ତରଫରୁ ପଦକ୍ଷେପ ନେବେ କି, ନକ୍ସଲ ଓ ମାଓ ପ୍ରବଣ ତଥା ଅଦିବାସୀ ଅଧ୍ୟୁଷିତ ୪ଟି ଯାକ ବ୍ଲକରେ ଥିବା ସମସ୍ତ ଅପହଞ୍ଚ ଇଲାକାକୁ ରାସ୍ତା, ପୋଲ ଇତ୍ୟାଦି ଯୋଗାଇବାକୁ ପଦକ୍ଷେପ ନେବେ କି ?

----

## ହସ୍ତାନ୍ତର ହୋଇଥିବା RD ରାସ୍ତାର ପରିମାଣ

164 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଅଣତାରକା ପ୍ରଶ୍ନ ୫୫ର ୨୩.୦୭.୨୪ ପ୍ରଦତ୍ତ ଉତ୍ତର ଆଧାରରେ ବଡଚଣା ବ୍ଲକରେ RD ବିଭାଗ ଅଧିନରେ 534.84 KM ରାସ୍ତା ଥିଲା, ଏହା ମଧ୍ୟରେ RD ବିଭାଗ ଏହି ରାସ୍ତାରୁ କେତେ KM ଅନ୍ୟ ବିଭାଗକୁ ହସ୍ତାନ୍ତର କରିଛି ଏବଂ ଅନ୍ୟ ବିଭାଗରୁ କେତେ KM ରାସ୍ତା ନିଜ ଅଧିନକୁ ଆଣିଛି, ତାର ତଥ୍ୟ ଦେବେ କି, ବଡଚଣା ବ୍ଲକରେ RD ବିଭାଗ ଅଧିନରେ ଥିବା ରାସ୍ତା, ବ୍ରିଜ ଓ ସରକାରୀ କୋଠା ଗୁଡିକର ନିର୍ମାଣ ତଥା ଉନ୍ନତି କରଣ ପାଇଁ ଚଳିତ ଆର୍ଥିକ ବର୍ଷରେ କେତେ ଅର୍ଥ ଆବଣ୍ଟିତ ହୋଇଛି, ସେସବୁର ତଥ୍ୟ ପ୍ରକଳ୍ପୱାରୀ ପ୍ରଦାନ କରିବେ କି ?

----

## ପଞ୍ଚାୟତିରାଜ ଓ ଷ୍ଟ୍ରିଟ ଲାଇଟ ଲଗାଇବା ପାଇଁ ଗାଇଡ ଲାଇନ

165 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ପଞ୍ଚାୟତରେ ଷ୍ଟ୍ରିଟ - ଲାଇଟ ଲଗାଇବାର ନିର୍ଦ୍ଦିଷ୍ଟ ଗାଇଡ ଲାଇନ ଅଛି କି, କେଉଁ ଷ୍ଟ୍ରିଟ - ଲାଇଟ ପାଇଁ ଅର୍ଥର ବ୍ୟବସ୍ଥା ହେଉଛି ଏବଂ ୨୦୧୯ - ୨୦ ଆର୍ଥିକ ବର୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷ ଯାଏଁ ଲାଇଟ ପାଇଁ ଅନୁଦାନର ତଥ୍ୟ, ବର୍ଷୱାରୀ ଏବଂ ଜିଲ୍ଲାୱାରୀ ପ୍ରଦାନ କରିବେ କି, ଯାଜପୁର ଜିଲ୍ଲାରେ ଷ୍ଟ୍ରିଟ - ଲାଇଟ ଲଗାଇବା ପାଇଁ, କେଉଁ ଆଧାରରେ କେଉଁ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି ଏବଂ ସେହି ଲାଇଟ କିଣାରେ ଅନିୟମିତତାର ତଥ୍ୟ Audit ରେ ଧରା ପଡିଛି କି, କେଉଁ ବ୍ଲକରେ କେତେ ଟଙ୍କାର ଅନିୟମିତତା ହୋଇଛି ଏବଂ ଦୋଷୀଙ୍କ ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ?

----

## ପରିବାରକୁ ପକ୍କାଘର ପ୍ରଦାନ

166 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- Housing for All, Plan of Action ସର୍ଭେ ଅନୁସାରେ ଓଡିଶାର ସହରାଞ୍ଚଳରେ କେତେ ପରିବାରର ନିଜସ୍ୱ ପକ୍କାଘର ନଥିଲା, ସେଥିମଧ୍ୟରୁ କେତେ ଜଣଙ୍କୁ PM ଆବାସ ଏବଂ ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନାରେ କେତେ ପରିବାରକୁ ପକ୍କାଘର ପ୍ରଦାନ ହୋଇଛି?

----

## କାର୍ଯ୍ୟକ୍ଷମ ହୋଇପାରୁନଥିବା ପ୍ରକଳ୍ପର ତଥ୍ୟ

167 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅନୁମୋଦନ ପାଇଁ ବଡଚଣା ବ୍ଲକ ଏବଂ ସାରା ଓଡ଼ିଶାର କେଉଁ ପ୍ରକଳ୍ପ ଗୁଡିକ କାର୍ଯ୍ୟକ୍ଷମ ହୋଇପାରୁନାହିଁ, ସେସବୁର ତଥ୍ୟ ପ୍ରକଳ୍ପୱାରୀ ପ୍ରଦାନ ସହ ମଞ୍ଜୁରି ପାଇବା ପାଇଁ କି ପଦକ୍ଷେପ ନେଉଛନ୍ତି ?

----

## Buxi Jagabandhu Assured Water Supply to Habitations Scheme

168 **Shri Kalikesh Narayan Singh Deo (Bolangir):**

Will the Minister for **Housing & Urban Development** be pleased to state that:-:-

Will the Govt. provide details on the Buxi Jagabandhu Assured Water Supply to Habitations (BASUDHA) Scheme and its impact on urban water supply, Follow-up: What percentages of urban households currently have access to potable water through this scheme?

----

## Piped Water Supply in Rural

169 **Shri Kalikesh Narayan Singh Deo (Bolangir):**

Will the Minister for **Panchayati Raj & Drinking Water** be pleased to state that:-:-

(a) what % of rural households in Odisha have access to piped water supply, According to the National Rural Drinking Water Program, What is the government's timeline to achieve full coverage, (b) How many villages in Odisha continue to face water contamination issues, What specific interventions are planned to address this, particularly in districts with high rates of waterborne diseases?

----

## Status of MGNREGA

170 **Shri Kalikesh Narayan Singh Deo (Bolangir):**

Will the Minister for **Rural Development** be pleased to state that:-:-

(a) What is the current status of MGNREGA implementation in Odisha, and how effective has it been in providing employment, (b) How many person-days of work have been generated under MGNREGA in Odisha during the last financial year?

----

## ସବୁ ଦିନିଆ ରାସ୍ତା ନଥିବା ଗ୍ରାମର ସଂଖ୍ୟା

171 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ଯେଉଁ ଗ୍ରାମ ଗୁଡିକରେ ଗମନାଗମନ ପାଇଁ ସବୁ ଦିନିଆ ରାସ୍ତା ନାହିଁ ଏହାର ସଂଖ୍ୟା କେତେ, ଜିଲ୍ଲା ୱାରୀ ଗ୍ରାମର ନାମ ଏବଂ ରାସ୍ତାର ଦୈର୍ଘ୍ୟ ସହ ତଥ୍ୟ ଦେବେ କି, ଏପରି ଗ୍ରାମ ଗୁଡ଼ିକରେ ସବୁ ଦିନିଆ ପକ୍କା ରାସ୍ତା ନିର୍ମାଣ ପାଇଁ କେତେ ଅର୍ଥ ବରାଦ କରାଯାଇଅଛି ଏବଂ କଣ ପଦକ୍ଷେପ ନିଆଯାଇଛି ?

----

## ଉଦ୍ୟୋଗ ଗୁଡ଼ିକୁ ଲାଭଜନକ ହେବା ପାଇଁ ପଦକ୍ଷେପ

172 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ସାଧାରଣ ଉଦ୍ୟୋଗଗୁଡିକ ମଧ୍ୟରେ ଲାଭ ଓ କ୍ଷତିରେ ଚାଲୁଥିବା ଉଦ୍ୟୋଗଗୁଡିକର ନାମ ସହ ଲାଭ ଓ କ୍ଷତିର ପରିମାଣ କେତେ, କ୍ଷତିରେ ଚାଲିଥିବା ଉଦ୍ୟୋଗଗୁଡ଼ିକୁ ଲାଭଜନକ ହେବା ପାଇଁ କଣ କଣ ପଦକ୍ଷେପ ନେଇଛନ୍ତି ?

----

## MUKTA ଯୋଜନା ସମ୍ପର୍କରେ

173 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟର ୧୧୪ ଗୋଟି ସ୍ୱାୟତ୍ତ ଶାସିତ ଅଞ୍ଚଳର ସମନ୍ୱିତ ବିକାଶ ନିମନ୍ତେ MUKTA (ମୁକ୍ତା) ଯୋଜନାରେ ଉନ୍ନୟନ ମୂଳକ ପ୍ରକଳ୍ପର ରୂପାୟନ ବିଗତ କେତେ ମାସ ହେଲା ଏହି କାର୍ଯ୍ୟ ବହୁ ସ୍ଥାନରେ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି ଅଥବା ରୂପାୟନ ମନ୍ଥର ହୋଇପଡିଛି କହିବେ କି; ଏହି ଯୋଜନାକୁ ବନ୍ଦ କରିଦେବେ ଅଥବା ଯୋଜନାର ନାମ ପରିବର୍ତ୍ତନ କରିବା ପାଇଁ ଚିନ୍ତା କରୁଛନ୍ତି କି; ଯୋଜନା ଆରମ୍ଭ ହେବାଠାରୁ ବର୍ତ୍ତମାନ ସୁଦ୍ଧା କେତେ ଟଙ୍କାର ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି ଏବଂ କେତେ ପ୍ରକଳ୍ପର ରୂପାୟନ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି; ଏହାର ବିବରଣୀ ପୌରପାଳିକା, ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ୱାରୀ ପ୍ରଦାନ କରିବେ କି ?

----

## ପାନୀୟ ଜଳ ଯୋଗାଣ

174 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଆସନ୍ତା ଗ୍ରୀଷ୍ମକାଳ ଅତି କଷ୍ଟକର ତଥା ମାତ୍ରାଧିକ ତାପମାତ୍ରା ବୃଦ୍ଧି ପାଇବାର ସୂଚନା ମିଳିଲା କି, ତାହାକୁ ଦୃଷ୍ଟିରେ ରଖି ପାନୀୟ ଜଳ ଯୋଗାଣ ନିମନ୍ତେ ପ୍ରସ୍ତୁତି କଣ ଅଟେ ଏହି ପ୍ରସଙ୍ଗରେ କୋରାପୁଟ ଜିଲ୍ଲା ପାଇଁ (Mobile Water Tanker) ଦ୍ୱାରା ପାନୀୟ ଜଳଯୋଗାଣ କରାଯିବ କି ?

----

## ଜଙ୍ଗଲର ଶୁଖିଲା ଗଛ ବିକ୍ରୟରୁ ରାଜସ୍ୱ ଆୟ ପରିମାଣ

175 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର ବିଭିନ୍ନ ଜଙ୍ଗଲରେ ମରିଯାଇ ଶୁଖିଲା ହୋଇଥିବା କିମ୍ବା ଭାଙ୍ଗିଯାଇ ପଡିଥିବା ଗଛ ଗୁଡିକର ସଂଗ୍ରହ ଓ ବିକ୍ରି ଦାୟିତ୍ୱ କେଉଁ ସଂସ୍ଥାକୁ ଦିଆଯାଇଛି, ଏ ବାବଦରେ କେତେ ରାଜସ୍ୱ ମିଳୁଛି ଗତ ୭ ବର୍ଷର ତଥ୍ୟ ପ୍ରଦାନ କରିବେ କି ?

----

**ହାଇସ୍କୁଲ ମରାମତି**

176 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଗ୍ରାମ୍ୟ ଉନ୍ନୟନ ବିଭାଗ କେତେଗୋଟି ପୁରାତନ ହାଇସ୍କୁଲର ମରାମତି ଦାୟିତ୍ୱ ନେଇଥିଲା ତନ୍ମଧ୍ୟରେ ଅବିଭକ୍ତ କୋରାପୁଟ ଜିଲ୍ଲାର କେଉଁ କେଉଁ ହାଇସ୍କୁଲ ଅନ୍ତର୍ଭୁକ୍ତ ଏହି ହାଇସ୍କୁଲ ଗୁଡିକ ପାଇଁ ସରକାର ନିର୍ମାଣ କରିବା ପାଇଁ କି ପଦକ୍ଷେପ ନେଇଛନ୍ତି?

----

**ସ୍ଥାନୀୟ ଏମଏସଏମଇ ମାନଙ୍କୁ ଆର୍ଥିକ ସହାୟତା**

177 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

----

**ପମ୍ପ ହାଉସ ଗୁଡିକ ର ସେୟାର ମୋଟର ଉପଲବ୍ଧ**

178 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ନିରବଚ୍ଛିନ୍ନ ଜଳ ଯୋଗାଣ ପାଇଁ ପ୍ରତି ପମ୍ପ ହାଉସ ଗୁଡିକ ନିମନ୍ତେ ସେୟାର ମୋଟର ଆବଶ୍ୟକ ହୋଇଥାଏ ତେବେ ବିଷମକଟକ ନିର୍ବାଚନ ମଣ୍ଡଳୀ ର ବ୍ଲକ ଗୁଡିତର ପଞ୍ଚାୟତ ୱାରୀ କେତେ ପମ୍ପ ହାଉସ ଗୁଡିକ ର ସେୟାର ମୋଟର ଉପଲବ୍ଧ ରହିଛି; ଯଦି ନାହିଁ କେବେ ସୁଦ୍ଧା ଉପଲବ୍ଧ କରାଯିବ ଏଥି ସହ ବିଷମକଟକ ବ୍ଲକ ରେ ଚଳିତ ବର୍ଷ ଓ ଆଗାମୀ ଦିନ ମାନଙ୍କ ରେ ପାନୀୟ ଜଳ ଯୋଗାଣ ନିମନ୍ତେ ବିଭାଗ କଣ ସବୁ ପ୍ଲାନ ଅଫ ଆକ୍ସନ ରହିଛି; ପଞ୍ଚାୟତ ଗୁଡିକର ଆଲୋକିକରଣ ବ୍ୟବସ୍ଥା କୁ ସମ୍ପୂର୍ଣ୍ଣ ରୂପେ ସୌର ଚାଳିତ ବ୍ୟବସ୍ଥା କରିବେକି ?

----

**ମୃତ୍ୟୁବରଣ କରିଥିବା ଶ୍ରମିକଙ୍କ ପରିବାରକୁ ବୀମାରାଶି ପ୍ରଦାନ**

179 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସର୍ବନିମ୍ନ ମଜୁରୀ ଅନୁକରଣ,ଦକ୍ଷତା ବିକାଶ ପଦକ୍ଷେପ:ପ୍ରବାସୀ ଶ୍ରମିକ ସମସ୍ୟା,ଶ୍ରମ ପଞ୍ଜୀକରଣ ଏବଂ ଲାଭ,ଶ୍ରମ କଲ୍ୟାଣ ଉପରେ ଶିଳ୍ପଗୁଡିକର ପ୍ରଭାବ,ଶିଶୁ ଶ୍ରମ ପ୍ରତିରୋଧ,ବିପଜ୍ଜନକ କାର୍ଯ୍ୟ ସମୟରେ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା,ସଚେତନତା ଏବଂ ଅଭିଯୋଗ ସମାଧାନ ଦିଗରେ ବିଷମକଟକ ନିର୍ବାଚନ ମଣ୍ଡଳୀ ମଧ୍ୟରେ ସରକାର ଉପରୋକ୍ତ ଦିଗରେ କଣ ପଦକ୍ଷେପ ନେଇଛନ୍ତି ଏବଂ ବିଷମକଟକ ନିର୍ବାଚନ ମଣ୍ଡଳୀର ବିଭିନ୍ନ ବ୍ଲକର କେତେ ଜଣ ଶ୍ରମିକ ପଞ୍ଜିକୃତ ହୋଇ ବାହାର ରାଜ୍ୟରେ ନିୟୋଜିତ ଅଛନ୍ତି; ଲାଇସେନ୍ସ ପ୍ରାପ୍ତ କେତେ ଶ୍ରମ ନିୟୋଜନ ସଂସ୍ଥା ରହିଛି; ଜିଲ୍ଲା ତଥା ନିର୍ବାଚନ ମଣ୍ଡଳୀ ମଧ୍ୟରେ, ଗତ ୫ ବର୍ଷ ମଧ୍ୟରେ କେତେ ଜଣ ଶ୍ରମିକ ମୃତ୍ୟୁ ବରଣ କରିଛନ୍ତି; କେତେ ଜଣଙ୍କର ବୀମା ହୋଇଥିଲା, କେତେ ପରିବାର ବୀମା ରାଶି ପାଇଛନ୍ତି?

----

## କ୍ଷତିପୂରଣ ପ୍ରଦାନ

180 **ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମୟୂରଭଞ୍ଜ ଜିଲ୍ଲାରେ ବିଗତ 5 ବର୍ଷ ମଧ୍ୟରେ କେତେଜଣ ବ୍ୟକ୍ତି ହାତୀ ଆକ୍ରମଣ, ସାପ କାମୁଡା ଏବଂ ବିଭିନ୍ନ ବନ୍ୟ ଜନ୍ତୁ ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି, ଏଥିପାଇଁ ଅଦ୍ୟାବଧି କେତେଟଙ୍କାର କ୍ଷତିପୂରଣ ଦିଆଯାଇଛି, ଏହାର ଏକ ତାଲିକା ମୃତ୍ୟୁ ବ୍ୟକ୍ତିଙ୍କ ନାମ କ୍ଷତିପୂରଣ ଗୁଡିକର ତଥ୍ୟ ବ୍ଲକୱାରୀ ପ୍ରଦାନ କରିବେ କି ?

----

## ରାସ୍ତା ମରାମତି ପଇଁ ପଦକ୍ଷେପ

181 **ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମୟୂରଭଞ୍ଜ ଜିଲ୍ଲାର କେଉଁ କେଉଁ ବ୍ଲକରେ କେତେ କିଲୋମିଟର ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ଅଛି, ଏହାର ଏକ ତାଲିକା ପ୍ରଦାନ କରିବେ କି, ଜରାଜୀର୍ଣ୍ଣ ଥିବା ଉକ୍ତ ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ କି ?

----

## ମୟୂରଭଞ୍ଜ ଜିଲ୍ଲାରେ ବିଭିନ୍ନ ପଦବୀ ପୂରଣ

182 **ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବ୍ଲକ କାର୍ଯ୍ୟାଳୟରେ ଅଦ୍ୟାବଧି କେଉଁ କେଉଁ ପଦବୀ ଖାଲିଅଛି, ଏହାର ଏକ ତାଲିକା ବିଭିନ୍ନ ପଦବୀ ଓ ବ୍ଲକୱାରୀ ପ୍ରଦାନ କରିବେ କି, ଖାଲିଥିବା ଉକ୍ତ ପଦବୀ ଗୁଡିକ ପୂରଣ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ କି ?

----

## ପର୍ଯ୍ୟଟନର ବିକାଶ

183 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଆଗାମୀ ଦିନରେ ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ପାହାଡରେ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ କଣ ପଦକ୍ଷେପ ନିଆଯାଇଛି ଏବଂ ତତସହିତ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର ବାଙ୍ଗିରିପୋଷି ବ୍ଲକ ଚାକୀଡୀ ଗ୍ରାମ ପଞ୍ଚାୟତର ପର୍ବତ ଉପରେ ନୈସର୍ଗିକ ପରିବେଶରେ ଥିବା ଫୁଲଝରା ଓ ବାରିବେଡା ଗ୍ରାମକୁ Eco- Tourism , ଯୋଜନାରେ ସାମିଲ କରି ସେଗୁଡିକର ପର୍ଯ୍ୟଟନ ବିକାଶ ନିମନ୍ତେ ପଦକ୍ଷେପ ଗ୍ରହଣ କରିବେ କି ?

----

## ରାସ୍ତା ହସ୍ତାନ୍ତର

184 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ମୟୁରଭଞ୍ଜ ଜିଲ୍ଲା ର RWD 2019 ରୁ ଆଜି ପର୍ଯ୍ୟନ୍ତ ମୋଟ କେତେ ଗୋଟି RW ରାସ୍ତା R &B ନିର୍ମାଣ ବିଭାଗ) କୁ ହସ୍ତାନ୍ତର କରିଛି, ଏହାର R &B ( ନିର୍ମାଣ ବିଭାଗ) ୱାରୀ ରାସ୍ତାର ନାମ ସହ ଗୋଟିଏ ତାଲିକା ପ୍ରଦାନ କରିବେ କି; (ଖ) RWD ର ନିମ୍ନଲିଖିତ ରାସ୍ତା ଦାମୋଦରପୁର ରୁ କୁଆବୁଡ଼ା, ଅସ୍ତିଆ -ଶିରୀଶବାଣୀ - ସୁଡ଼ିଆମ, RWD ରୁ R &B ନିର୍ମାଣ ବିଭାଗ) କୁ ହସ୍ତାନ୍ତର କରିବେ କି ?

----

## ଜଙ୍ଗଲ ଆଇନ ଉଲଘନ

185 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- 2019-20 ରୁ 2023-24 ଆର୍ଥିକ ବର୍ଷରେ ମୟୁରଭଞ୍ଜ ଜିଲ୍ଲା ରେ ଜଙ୍ଗଲ ଆଇନ ଉଲଘନ କରିଥିବା ଅଭିଯୋଗରେ କେଉଁ ବର୍ଷ କେତେ ସଂଖ୍ୟକ ମାମଲା ରୁଜୁ କରାଯାଇଥିଲା କେତେ ଉଲଘନକାରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା; ବନଖଣ୍ଡ ଅନୁଯାୟୀ କେବେ କେତେ ସଂଖ୍ୟକ କେଉଁ ପ୍ରକାରର ଯାନ ଜବତ କରାଯାଇ କେତେ ଜୋରିମାନା ଆଦାୟ କରାଯାଇଛି ?

----

## ବ୍ରାହ୍ମଣି ନଦୀ ଜଳ ପ୍ରଦୂଷଣ

186 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଦୀର୍ଘ ବର୍ଷ ଧରି ତାଳଚେରସ୍ଥିତ କୋଇଲା ଖଣି ଓ କୋଇଲା ଭିତ୍ତିକ ଶିଳ୍ପ ଦ୍ୱାରା ତାଳଚେର ଉପକଣ୍ଠରେ ଥିବା ନଦୀ, ନାଳ, ଜଙ୍ଗଲ, ବନ୍ୟଜନ୍ତୁ ଓ ମାନବ ସମାଜ ପ୍ରତି ବିପଦ ଯୋଗୁଁ ବୃହତ ନଦୀ ବ୍ରାହ୍ମଣୀ ବର୍ତ୍ତମାନ ବିପଦପୂର୍ଣ୍ଣ, ଏହାର ନିରାକରଣ ପାଇଁ ଆଇନଜିବୀ ତଥା ପରିବେଶ ବର୍ଗ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନଥିବା ସତ୍ୟ କି , ଏହାର ନିରାକରଣ ପାଇଁ ବର୍ତ୍ତମାନ ସରକାର କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ?

----

## ପଟାଙ୍ଗିରେ ଶୁଦ୍ଧ ପାନୀୟ ଜଳ ଯୋଗାଣ

187 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶାର କେଉଁ କେଉଁ ଜିଲ୍ଲାରେ ବିଶେଷ କରି କୋରାପୁଟ ଜିଲ୍ଲାର ପଟାଙ୍ଗି ନିର୍ବାଚନ ମଣ୍ଡଳୀର କେତେ ପରିବାରକୁ ସୁଦ୍ଧ ପିଇବା ପାଣି ଯୋଗାଇ ଦିଆଯାଇଛି ଏବଂ ଏଥିପାଇଁ କେତେଟଙ୍କା ଖର୍ଚ୍ଚ କରାଯାଇଛି ତାହାର ଏକ ଜିଲ୍ଲା ଓ ପଞ୍ଚାୟତୱାରୀ ତାଲିକା ଦେବେ କି ?

----

## ଆମ ଓଡିଶା ନବୀନ ଓଡିଶା ଯୋଜନାରେ ଦୁର୍ନୀତି

188 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପୂର୍ବ ସରକାର "ଆମ ଓଡିଶା ନବୀନ ଓଡିଶା" ଯୋଜନାରେ ପ୍ରତ୍ୟେକ ପଞ୍ଚାୟତକୁ ନିର୍ବାଚନ ପୂର୍ବରୁ 50 ଲକ୍ଷ ଟଙ୍କା ଦିଆଯାଇଥିଲା କି, ଉକ୍ତ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ସତ୍ୟ କି; ଯଦି ହଁ ସରକାର ବିଧିବଦ୍ଧ ତଦନ୍ତ କରିବେ କି ?

----

## ପଞ୍ଚାୟତ ରାସ୍ତା ହସ୍ତାନ୍ତର

189 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ପଞ୍ଚାୟତ ସମିତି ଅଧିନରେ ଥିବା ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିବା ପାଇଁ ଯୋଜନା ଥିଲେ ସିମୁଳିଆ ଓ ଖଇରା ବ୍ଲକର କେଉଁ କେଉଁ ପଞ୍ଚାୟତ ରାସ୍ତା ଗୁଡିକୁ RD ବିଭାଗକୁ ହସ୍ତାନ୍ତର କରାଯାଇଅଛି ?

----

## ରାସ୍ତା କାର୍ଯ୍ୟର ମାନ ପରୀକ୍ଷଣ

190 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## Pension ବ୍ୟବସ୍ଥା

191 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ କର୍ମଚାରୀ ଯେଉଁମାନେ Govt. Public Sector Company ଅଧୀନରେ କାର୍ଯ୍ୟକରି VRS Scheme 1998-99 ମସିହା ଠାରୁ ଅବସର ନେଇଛନ୍ତି ସେମାନଙ୍କୁ ସେମାନଙ୍କର retirement age ସମୟରେ Pension ଦେବାପାଇଁ ସରକାରଙ୍କ ଠାରେ ଦାବୀ ଉପସ୍ଥାପନ କରିବେ କି, ଉତ୍ତର 'ନାଁ' ହେଲେ ଏପରି ଥିବା ଲକ୍ଷାଧିକ କର୍ମଚାରୀ ତଥା ସେମାନଙ୍କର ପରିବାର ପ୍ରତି ଦୃଷ୍ଟି ପ୍ରଦାନ କରି ସେମାନଙ୍କର ପାଇଁ Pension ର ବ୍ୟବସ୍ଥା ପ୍ରଦାନ କରିବେ କି ?

----

## ବାଲେଶ୍ୱର ଜିଲ୍ଲାରେ ନୂତନ ବନୀକରଣ

192 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଲେଶ୍ୱର ଜିଲ୍ଲାରେ 2024-25 ବର୍ଷରେ କେତେ ନୂତନ ବନୀକରଣ କାର୍ଯ୍ୟ କେଉଁଠି କେଉଁଠି କରାଯାଇଛି, ତାହାର ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେ କି, ଏହି ବନୀକରଣ ପାଇଁ ଚଳିତ ବର୍ଷ କେତେ ଅର୍ଥ ଖର୍ଚ୍ଚ କରାଯାଇଛି ?

----

## ହେନ୍ତାଳ ବନ ସୃଷ୍ଟି ନିମନ୍ତେ ଯୋଜନା

193 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଲେଶ୍ୱର ଜିଲ୍ଲାର ସମୁଦ୍ର ତଟରେ କେତେ ହେକ୍ଟର ଜାଗାରେ ହେନ୍ତାଳ ବନ ରହିଛି ଏବଂ ଚଳିତ ବର୍ଷ କେତେ ଜାଗାରେ ହେନ୍ତାଳ ବନ ସୃଷ୍ଟି କରିବାକୁ କିଛି ଯୋଜନା କରାଯାଇଛି କି, ଯଦି କରାଯାଇଛି ତାହାର ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ଜଳକ୍ଲିଷ୍ଟ ଗ୍ରାମକୁ ପିଇବା ପାଣି ଯୋଗାଣ

194 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଗତସିଂହପୁର ଜିଲ୍ଲା Balikuda Block ରେ ସ୍ଥାପିତ Mega Water Pipe ଯୋଜନାରେ ଚାଲୁଥିବା କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପାଇଁ ଧାର୍ଯ୍ୟ ସମୟସୀମା କେତେ ଥିଲା, ଆଜି ପର୍ଯ୍ୟନ୍ତ ଜଳକ୍ଲିଷ୍ଟ ଗ୍ରାମବାସୀ ମାନେ ପିଇବା ପାଣି ନ ପାଇବାରୁ ବଞ୍ଚିତ ହେଉଥିବା କାରଣ କ'ଣ, ଜଳକ୍ଲିଷ୍ଟ ଗ୍ରାମ ଗୁଡିକ କେବେ ପିଇବା ପାଣି ପାଇବେ ଜଣାଇବେ କି ?

----

## ବଦଳି ହୋଇଥିବା BDO ଙ୍କ ସଂଖ୍ୟା

195 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ June ମାସଠାରୁ ଆଜି ପର୍ଯ୍ୟନ୍ତ କେତେଜଣ BDO ଙ୍କୁ ବଦଳୀ କରାଯାଇଛି, ଏହି ବଦଳୀ ଆଦେଶ କେଉଁ ନିୟମ ଆଧାରରେ ବଦଳୀ କରାଯାଇଅଛି ?

----

### ଅସମ୍ପୂର୍ଣ୍ଣ ପ୍ରକଳ୍ପ ସମ୍ପର୍କରେ

196 **ଶ୍ରୀ ଅଶୋକ ମହାନ୍ତି (ପାଲଲହଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପାଲଲହଡା ନିର୍ବାଚନ ମଣ୍ଡଳୀ କଣିହାଁ ବ୍ଲକ ଓ ପାଲଲହଡା ବ୍ଲକରେ ଆମ ଗାଁ ଆମ ବିକାଶ ନାମରେ କେତେଗୋଟି ପ୍ରକଳ୍ପ ଅସମ୍ପୂର୍ଣ୍ଣ ଅଛି; ଏହା କେଉଁ ଅର୍ଥରୁ ପୂର୍ଣ୍ଣ କରାଯିବ?

----

### Group-D ପଦବୀରେ ଥିବା କର୍ମଚାରୀଙ୍କ ସଂଖ୍ୟା

197 **ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ (ରେମୁଣା):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସରକାରୀ ଉଦ୍ୟୋଗ ବିଭାଗରେ ବର୍ତ୍ତମାନ ସୁଦ୍ଧା Group-D ପଦବୀରେ ନିୟମିତ ନିଯୁକ୍ତିରେ କେତେଜଣ କେଉଁ କେଉଁ ପଦବୀରେ ଅଛନ୍ତି ତାହାର ପୃଥକ ପୃଥକ ବିବରଣୀ ଦେବେ କି ଏବଂ କେତେଗୋଟି Group-D ପଦବୀ ଖାଲିଅଛି କେଉଁ କେଉଁ ବର୍ଗରେ କେତେ ଅଛି ?

----

### Name and Address of Allottees

198 **Shri Akhila Chandra Naik (Patna):**

Will the Minister for **Housing & Urban Development** be pleased to state that:-:- How many House (HIG, MIG, LIG and EWS) in different categories have been allotted to different allottees by the Odisha State Housing Board in Sailashree Vihar, Kanan Vihar and Seven Acres in Mouza- Chandrasekharpur and Patia, Bhubaneswar in Districts- Khurda ? Will the Govt. supply detail list of information of Houses allotted in the said scheme along with the name & addresss of the allottees, House Nos. in detail?

----

### ସ୍ମାର୍ଟ ପାର୍କ ଓ ଶ୍ମଶାନ କାର୍ଯ୍ୟ ଶେଷ କରିବାକୁ ପଦକ୍ଷେପ

199 **ଶ୍ରୀମତୀ ସୀମାରାଣୀ ନାୟକ (ହିନ୍ଦୋଳ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) କଟକ ଜିଲ୍ଲାର ବିଜ୍ଞାପିତ ଅଞ୍ଚଳ ପରିଷଦ ଆଠଗଡ କରାଯାଇଥିବା ସ୍ମାର୍ଟ ପାର୍କ ଓ ଶ୍ମଶାନ ପାଇଁ କେତେ କେତେ ଅର୍ଥ ପ୍ରଦାନ କରାଯାଇଥିଲା ଏହା କେଉଁ ଠିତାଦାର କେତେଦିନରେ ଏହି କାର୍ଯ୍ୟ ସାରିବା ପାଇଁ ନିର୍ଦ୍ଦେଶ ଥିଲା, ଠିକାଦାର ଏଥିରେ ବ୍ୟତିକ୍ରମ କରିଥିବା ସତ୍ୟ କି, ଉତ୍ତର 'ହଁ' ହେଲେ ଠିକାଦାରଙ୍କୁ କଳା ତାଲିକାଭୁକ୍ତ ନ କରିବାର କାରଣ କ'ଣ ; (ଖ) ସ୍ମାର୍ଟ ପାର୍କ ଓ ଶ୍ମଶାନ କାର୍ଯ୍ୟ କେବେସୁଦ୍ଧା ସରିବ ନିର୍ଦ୍ଦିଷ୍ଟ ଭାବେ ଜଣାଇବେ କି ?

----

## ପକ୍କା ରାସ୍ତା ନିର୍ମାଣ

200 **ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ (ଅନୁଗୁଳ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଅନୁଗୋଳ ଜିଲ୍ଲାର ଅନୁଗୋଳ ବ୍ଲକ ଅନ୍ତର୍ଗତ ବଳହପୁର, ଗଡତଇଲା, ଅରାଡିହ ରାସ୍ତା କେବେସୁଦ୍ଧା ପକ୍କା ସଡକ ହେବ ?

----

## ସହରାଞ୍ଚଳରେ ଆଲୋକ ବ୍ୟବସ୍ଥା

201 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନୂତନ ଧର୍ମଗଡ଼ ଏନ ଏ ସି ପରିସୀମା ବୃଦ୍ଧି ଓ ସହରାଞ୍ଚଳ ଜନବସତି ବୃଦ୍ଧି ଯୋଗୁଁ ସଡ଼କ ଆଲୁଅ ବ୍ୟବସ୍ଥା ଓ ନୂତନ ଘରକୁ ବିଦ୍ୟୁତିକରଣ ସମସ୍ୟା ଦେଖା ଦେଇଛି ଓ ଟ୍ରାନ୍ସଫରମର ସଂଖ୍ୟା କମ ଓ ଅନେକ ସ୍ଥାନକୁ ବିଦ୍ୟୁତ ପୋଲ ଅଭାବ ଜନିତ କାରଣ ଯୋଗୁଁ କାଠ ଖୁଣ୍ଟ ରେ ସଂଯୋଗ ବିପଦ ସଙ୍କୁଳ ଭାବରେ ଦିଆଯାଇଛି, ସହରାଞ୍ଚଳରେ ଆଲୋକ ବ୍ୟବସ୍ଥା ଓ ବିଦ୍ୟୁତକରଣ ପାଇଁ ନଗର ଉନୟନ ବିଭାଗ କି ଯୋଜନା ପ୍ରସ୍ତୁତ କରିବା ପାଇଁ କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଅନୁଷ୍ଠାନରୁ ଟିକସ ଆଦାୟ ପାଇଁ ପଞ୍ଚାୟତକୁ କ୍ଷମତା

202 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ୟା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ସହର ସନ୍ନିକଟ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ସହରୀକରଣ ପ୍ରକ୍ରିୟାରେ ଗୃହ ନିର୍ମାଣ, ବ୍ୟବସାୟୀକ କମ୍ପ୍ଲେକ୍ସ ଓ ସହର ଭିତ୍ତିଭୂମି ପରିବ୍ୟାପ୍ତ ହେଉଥିବା ପରିପ୍ରେକ୍ଷୀରେ ଏଠାରେ ପରିମଳ ବ୍ୟବସ୍ଥା ସମ୍ପାଦନ ପାଇଁ ପଞ୍ଚାୟତ ଅଧିକ ବ୍ୟୟବହନ କରୁଥିବା ପରିପ୍ରେକ୍ଷୀରେ ସହର ନିକଟସ୍ଥ ପଞ୍ଚାୟତମାନଙ୍କରେ ସଫେଇ କର୍ମଚାରୀ ପରିମଳ ବ୍ୟବସ୍ଥା ଉପକରଣ ଯୋଗାଇଦେବା ସହ ବ୍ୟବସାୟୀକ ଅନୁଷ୍ଠାନରୁ ଟିକସ ଆଦାୟ ପାଇଁ ପଞ୍ଚାୟତକୁ କ୍ଷମତା ଦେବାକୁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ପଞ୍ଚାୟତ ସମିତି ରାସ୍ତାର ତାଲିକା

203 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ)ः**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସିମୁଳିଆ ଓ ଖଇରା ବ୍ଲକରେ କେତେ କେତେ କି.ମି. ପଞ୍ଚାୟତ ସମିତି ରାସ୍ତାମାନ ଅଛି ତା'ର ଏକ ତାଲିକା ପ୍ରଦାନ କରିବେ କି ଏବଂ 2022-23, 2023-24 ମଧ୍ୟରେ ଏହି ଦୁଇଟି ବ୍ଲକ ଅଧିନସ୍ଥ କେଉଁ କେଉଁ ପଞ୍ଚାୟତ ସମିତି ରାସ୍ତା ଗୁଡିକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିବାକୁ କେଉଁ କେଉଁ ସମିତି ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଅଛି ?

----

## ଖାଲିଥିବା ପଦବୀର ତାଲିକା

204 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ)ः**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟ ସରକାରଙ୍କ ତୃଣମୂଳସ୍ତରରୁ ଆରମ୍ଭ କରି ଜିଲ୍ଲା ଓ ବିଭିନ୍ନ ବିଭାଗୀୟ ଦପ୍ତରମାନଙ୍କରେ ଓ ସରକାରୀ PSUମାନଙ୍କ ଦପ୍ତରରେ ଅଦ୍ୟାବଧି ସମୁଦାୟ କେତେ ପଦପଦବୀ ଖାଲି ରହିଛି ତାର ଏକ ତାଲିକା ଦେବାସହ, ସେଗୁଡିକ କେବେ କେଉଁ ପଦ୍ଧତି ମାଧ୍ୟମରେ ପୂରଣ କରାଯିବା ପାଇଁ ସରକାର ସ୍ଥିର କରିଛନ୍ତି ତାର ସମ୍ପୂର୍ଣ ବିବରଣୀ ପ୍ରଦାନ କରିବେ କି ? ଏବଂ ଖ) ବିଭିନ୍ନ କାର୍ଯ୍ୟାଳୟ ଗୁଡିକରେ କାର୍ଯ୍ୟରତ ଠିକା ନିଯୁକ୍ତି କର୍ମରରୀମାନଙ୍କୁ ଅଭିଜ୍ଞତା ଦୃଷ୍ଟିରୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ପାଇଁ ପଦକ୍ଷେପ ନେବେ କି?

----